## ଶର୍ଟ ସର୍କିଟ୍‌ରୁ ଅଗ୍ନିକାଣ୍ଡ

**ପାରଳାଖେମୁଣ୍ଡି,(ଗିରିଧାରୀ ପରିଚ୍ଛା):** ପାରଳାଖେମୁଣ୍ଡି ପୌରପରିଷଦ ୬ ନଂ.ୱାର୍ଡ ଅନ୍ତର୍ଗତ ରେଲିସେରି ସାହିର କେ. ପ୍ରଶାନ୍ତିଙ୍କ ଘରେ ଶୁକ୍ରବାର ଶର୍ଟସର୍କିଟ ଯୋଗୁଁ ନିଆଁଲାଗି ସମସ୍ତ ଆସବାବପତ୍ର ପୋଡି ପାଉଁଶ ହୋଇଛି। ଏ ସମ୍ପର୍କରେ ଖବର ପାଇ ପାରଳାଖେମୁଣ୍ଡି ଅଗ୍ନିଶମ ବାହିନୀ ତୁରନ୍ତ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲା। ପ୍ରଶାନ୍ତି ଜଣେ ଗରିବ ଶ୍ରେଣୀର ମହିଳା। ତାଙ୍କର ଦୁଇଝିଅ। ସ୍ୱାମୀ ଆନ୍ଧ୍ର ପ୍ରଦେଶରେ ଦାଦନ ଭାବେ କାର୍ଯ୍ୟ କରୁଛନ୍ତି। ଖବର ପାଇ ପାରଳାଖେମୁଣ୍ଡି ବିଧାୟକ ରୂପେଶ କୁମାର ପାଣିଗ୍ରାହୀ ଏବଂ ପୌରାଧକ୍ଷା ନିର୍ମଳା ସେଠୀ ପହଞ୍ଚି ପ୍ରଶାନ୍ତିଙ୍କୁ ସ୍ୱାନ୍ତନା ଦେଇଛନ୍ତି। ବିଧାୟକ ପାଣିଗ୍ରାହୀ କ୍ଷତିଗ୍ରସ୍ତ ପ୍ରଶାନ୍ତିଙ୍କୁ କିଛି ଆର୍ଥିକ ସହାୟତା ପ୍ରଦାନ କରି ତାଙ୍କୁ ସରକାରୀ ସହାୟତା ଯେପରି ମିଳିବ ସେନେଇ ପାରଳାଖେମୁଣ୍ଡି ତହସିଲଦାର ଏବଂ ଅନ୍ୟ ଅଧିକାରୀମାନଙ୍କ ସହ ଆଲୋଚନା ଫୋନ ଯୋଗେ ଆଲୋଚନା କରିଥିଲେ।



**ସଂକ୍ଷେପରେ**

### ୧୮ ଦୃଷ୍ଟିବାଧିତ ଛାତ୍ରୀଛାତ୍ରଙ୍କୁ ଲାପ୍‌ଟପ ପ୍ରଦାନ

ଛତ୍ରପୁର,୨୬।୧୨(ଦିଲୀପ ସାମଲ): ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତୀକରଣ ବିଭାଗ ପକ୍ଷରୁ ଗଞ୍ଜାମ ଜିଲାର ୧୮ଜଣ ଦୃଷ୍ଟିବାଧିତ ଛାତ୍ରୀଛାତ୍ରମାନଙ୍କୁ ଲାପଟପ ପ୍ରଦାନ କରାଯାଇଛି । ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ଜିଲାପାଳ ଭି. କୀର୍ତ୍ତି ଭାସନ ଏହି ଲାପ୍‌ଟପ ବଣ୍ଟନ କରିଥିଲେ। ଏଥିସହ ଜିଲାପାଳ ସେମାନଙ୍କ ସହ ବିଭିନ୍ନ ବିଷୟରେ ଆଲୋଚନା କରିଥିଲେ। ଛାତ୍ରୀଛାତ୍ରମାନେ ନିଜର ଓ ପରିବାରର ସମସ୍ୟା ଜିଲାପାଳଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ । ଛାତ୍ରଛାତ୍ରଙ୍କ ଗସ୍ତ ଖର୍ଚ୍ଚ ପାଇଁ ରେଡ୍‌କ୍ରସ ପାଣ୍ଠିରୁ ୫ ହଜାର ଟଙ୍କା ଲେଖାଏ ଆର୍ଥିକ ସହାୟତା ପ୍ରଦାନ କରାଯାଇଥିଲା । ଲାପଟପ ପ୍ରଦାନ ବେଳେ ଜିଲା ସାମାଜିକ ସୁରକ୍ଷା ଅଧିକାରୀ କୃଷ୍ଣ ବେହେରା, ଛତ୍ରପୁର ଉପଖଣ୍ଡ ସାମାଜିକ ସୁରକ୍ଷା ଅଧିକାରୀ ସସ୍ମିତା ସ୍ୱାଇଁଙ୍କ ସମେତ ଅନ୍ୟାନ୍ୟ ଅଧିକାରୀ ଓ କର୍ମଚାରୀ ଉପସ୍ଥିତ ଥିଲେ।

### ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ରଜତ ଜୟନ୍ତୀ

ଖଲ୍ଲିକୋଟ,୨୬।୧୨(ପ୍ରଶାନ୍ତ କୁମାର ମିଶ୍ର)
ଖଲ୍ଲିକୋଟ ସହର ନିକଟ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ରଜତ ଜୟନ୍ତୀ ଉତ୍ସବ ଶୁକ୍ରବାର ଉଦ୍‌ଘାଟିତ ହୋଇଛି। ଏହା ୩ ଦିନ ଧରି ଚାଲିବାକୁ ଥିବା ବେଳେ ଉଦ୍‌ଘାଟନୀ ଦିବସରେ ସ୍ଥାନୀୟ ତହସିଲଦାର ଡି. ମାଲେଶ୍ୱର ପାତ୍ର ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ଆସିକା ଏମ୍‌ପି ପ୍ରତିନିଧି ଯଜ୍ଞ ନାରାୟଣ ଦାଶ, ବାଣପୁର ସ୍ଥିତ ଶ୍ରୀଶ୍ରୀ ଅଭିରାମ ପରମ ହଂସ ଦେବ ଆଶ୍ରମର ବାବାଜି ଶ୍ରୀ ବାଲ୍ମୀକୀ ଦାସ, ବଧିନୂଆପଲ୍ଲୀ ପଞ୍ଚାୟତ ସରପଞ୍ଚ ପୁଷ୍ପାଞ୍ଜଳି ଚହଟରାୟ ପ୍ରମୁଖ ସମ୍ମାନିତ ଅତିଥି ଏବଂ ସରସ୍ୱତୀ ଶିଶୁ ମନ୍ଦିର ଦକ୍ଷିଣ ପୂର୍ବ ସମ୍ଭାଗ ସମ୍ପାଦକ ଦୀପକ ମହାରଣା ମୁଖ୍ୟ ବକ୍ତା ଭାବେ ଯୋଗ ଦେଇଥିଲେ। ଖଲ୍ଲିକୋଟ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ପ୍ରଧାନାଚାର୍ଯ୍ୟ ସନ୍ତୋଷ ଶତପଥୀ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ସମ୍ପାଦକ ସନ୍ତୋଷ ମହାପାତ୍ର ସମ୍ପାଦକୀୟ ବିବରଣୀ ପାଠ କରିଥିଲେ।

### ଧର୍ମପରାୟଣ ବ୍ୟକ୍ତିଙ୍କ ପରଲୋକ



ଦେବରାଜ ପାତ୍ର

ଆସିକା,୨୬।୧୨(ସୁରେନ୍ଦ୍ର ନାଥ ସାହୁ) ଆସିକା ଏନଏସିର ଜଣେ ଆଧ୍ୟାତ୍ମିକ ପ୍ରେମୀ ତଥା ଲାଲାଗୋର୍ଜି ହରିନାମ ସଂକୀର୍ତ୍ତନ ମଣ୍ଡଳି ସଭାପତି ଦେବରାଜ ପାତ୍ର(୭୮)ଙ୍କ ଶୁକ୍ରବାର ସକାଳେ ଭୁବନେଶ୍ୱରସ୍ଥିତ ଏକ ଘରୋଇ ଡାକ୍ତରଖାନାରେ ଚିକିତ୍ସାଧିନ ଅବସ୍ଥାରେ ପରଲୋକ ଘଟିଛି । ସେ ଗତ ୩/୪ ଦିନ ହେଲା ଶ୍ୱାସକ୍ରିୟା ଜନିତ ସମସ୍ୟାରେ ପୀଡିତ ହୋଇ ଚିକିତ୍ସିତ ହେଉଥିଲେ । ମୃତ୍ୟୁ ସମୟରେ ପାତ୍ରଙ୍କ ପରିବାର ସଦସ୍ୟ ଉପସ୍ଥିତ ଥିଲେ। ପୁରୀ ସ୍ୱର୍ଗଦ୍ୱାର ଠାରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ ହୋଇଛି।

### ଆସିକାକୁ ମ୍ୟୁନିସିପାଲିଟି ଲାଗି ଅଧିସୂଚନା ଜାରି

ଆସିକା,୨୬।୧୨(ସୁରେନ୍ଦ୍ର ନାଥ ସାହୁ): ଆସିକା ଏନଏସିକୁ ମ୍ୟୁନିସିପାଲିଟି କରିବା ଲାଗି ରାଜ୍ୟ ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗ ପକ୍ଷରୁ ବିଜ୍ଞପ୍ତି ଜାରି କରାଯାଇଛି। ଏହି କ୍ରମରେ ଆସିକା ଏନଏସିର ୧୮ଟି ୱାର୍ଡ ସାଙ୍ଗକୁ କାଳକ୍ଷଣ୍ଡପୁର ପଞ୍ଚାୟତର ନରସିଂହପଲ୍ଲୀ ଓ ମୁକୁନ୍ଦପୁର ଗ୍ରାମକୁ ସାମିଲ କରାଯାଇଛି । ଉପରୋକ୍ତ ଚିଠା ଅଧିକୃତ ସୂଚନାରେ ବିର୍ନିଦ୍ଦିଷ୍ଟ କ୍ଷେତ୍ରଗୁଡିକର ଯେଉଁ ବ୍ୟକ୍ତିମାନେ ପ୍ରଭାବିତ ହେବାର ସମ୍ଭାବନା ଅଛି ସେମାନଙ୍କ ଠାରୁ ଗେଜେଟ ପ୍ରକାଶିତ ହେବାର ୩୦ ଦିନ ମଧ୍ୟରେ ଗଂଜାମ ଜିଲ୍ଲାପାଳଙ୍କ ଜରିଆରେ ଲିଖିତ ଆପତ୍ତି ଓ ପରାମର୍ଶ ଦାଖଲ ଲାଗି ଆହ୍ୱାନ କରାଯାଇଛି । ଏଥିରେ ମ୍ୟୁନିସିପାଲିଟିର ପରିସୀମା ମଧ୍ୟରେ ପୂର୍ବ ଦିଗରେ ଋଷିକୂଲ୍ୟା ନଦୀ ପଶ୍ଚିମରେ କରାଡଳି ଗ୍ରାମ, ଉତ୍ତରରେ କର୍ପୂର ନୂଆଗାଁ ଗ୍ରାମ ଓ ଦକ୍ଷିଣରେ କାଳକ୍ଷଣ୍ଡପୁର ଗ୍ରାମ ରହିଛି । ଆସିକାକୁ ମ୍ୟୁନିସିପାଲଟି ଲାଗି ଅଧିସୂଚନା ଜାରି ପରେ ଅଞ୍ଚଳବାସୀଙ୍କ ମଧ୍ୟରେ ଆନନ୍ଦ ପ୍ରକାଶ ପାଇଛି।

# ଧାନମଣ୍ଡି ଖୋଲିବା ଦାବିରେ ରୟତ ମହାସଭାର ବିକ୍ଷୋଭ

ପୁରୁଷୋତ୍ତମପୁର,୨୬।୧୨ (ସବିତା ମିଶ୍ର)
ଗଞ୍ଜାମ ଜିଲା ପୁରୁଷୋତ୍ତମପୁର ଅଞ୍ଚଳରେ ଧାନମଣ୍ଡି ଖୋଲାଯାଇ ନ ଥିବାରୁ ଚାଷୀମାନେ ଶୋଷଣର ଶିକାର ହେଉଛନ୍ତି। ଖୁବଶୀଘ୍ର ମଣ୍ଡି ଖୋଲିବା ନେଇ ରୁଷିକୂଲ୍ୟା ରୟତ ମହାସଭା ଦାବି କରିଛି । ଏହି ଦାବିରେ ଶୁକ୍ରବାର ରୁଷିକୁଲ୍ୟା ରୟତ ମହାସଭା ସଂପାଦକ ସୀମାଞ୍ଚଳ ନାହାକ, ବିନାୟକ ଆଚାର୍ଯ୍ୟ, ସ୍ୱପ୍ନେଶ୍ୱର କୃଷକସଂଘ ସଭାପତି ଆଇ. ମୁକୁନ୍ଦ, ମୁନା ଗୌଡ, କିଶୋର ସାସମଲ, ରମେଶଚନ୍ଦ୍ର ଗୌଡଙ୍କ ସମେତ ଚାଷୀମାନେ ବ୍ଲକ କାର୍ଯ୍ୟାଳୟଠାରେ ପ୍ରତିବାଦ କରି ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି। ବିଡିଓ ଶରତ ପାତ୍ରଙ୍କୁ ଏକ ସ୍ମାରକପତ୍ର ପ୍ରଦାନ କରି ତୁରନ୍ତ ଏଦିଗରେ ପଦକ୍ଷେପ ନେବାକୁ ଦାବି କରିଛନ୍ତି। ଗଞ୍ଜାମ ଜିଲାରେ ଯଦିଓ ଗତ ୨୪ ତାରିଖରୁ ମଣ୍ଡି ଖୋଲିଛି,



ଚାଷୀମାନେ ବିଡିଓଙ୍କୁ ସ୍ମାରକପତ୍ର ପ୍ରଦାନ କରୁଛନ୍ତି।

ମାତ୍ର ବର୍ତ୍ତମାନ ପର୍ଯ୍ୟନ୍ତ ପୁରୁଷୋତ୍ତମପୁର ଅଞ୍ଚଳରେ କୌଣସି ସ୍ଥାନରେ ମଣ୍ଡି ଖୋଲା ଯାଇନାହିଁ। ଫଳରେ ବହୁ ସଂଖ୍ୟକ ଚାଷୀଙ୍କ କୁଇଣ୍ଟାଲ କୁଇଣ୍ଟାଲ ଅମଳ ଧାନମାନ ଚାଷ ଜମିରେ ପଡିରହିଛି। କାହାର ଘରପିଣ୍ଡାରେ ଧାନ ପଡ଼ିରହିଛି। ଆଗାମୀ ଦିନରେ ଯଦି ବର୍ଷା ହୁଏ ତେବେ ଚାଷୀ କ୍ଷତିଗ୍ରସ୍ତ ହେବେ ବୋଲି ମହାସଭା ଅଭିଯୋଗ କରିଛି। ଅନ୍ୟପକ୍ଷରେ ଚାଷୀମାନଙ୍କୁ ମଣ୍ଡିରେ ଧାନ ନ ଦେଇ ସିଧାସଳଖ ମିଲ୍‌ରେ ଦେବା ପାଇଁ କୁହାଯାଉଛି। ଏହାଦ୍ୱାରା ଚାଷୀ କ୍ଷତି ସହିବେ। ଏଭଳି ବ୍ୟବସ୍ଥା ନ କରି ମଣ୍ଡି ଶୀଘ୍ର ନ ଖୋଲିଲେ ଆଗାମୀ ଦିନରେ ଚାଷୀ ରାସ୍ତାକୁ ଓହ୍ଲାଇ ଆନ୍ଦୋଳନ କରିବେ ବୋଲି ଚେତାବନୀ ଦେଇଛନ୍ତି। ଏନେଇ ବିଡିଓ ଶରତ ପାତ୍ରଙ୍କୁ ପଚାରିବାରୁ ସେ କହିଲେ, ପୁରୁଷୋତ୍ତମପୁର ବ୍ଲକରେ ଥିବା ୨୬ଟି ପଞ୍ଚାୟରେ ୨୯ଟି ମଣ୍ଡି ଖୋଲାଯିବ। ସେଥି ମଧ୍ୟରୁ ୧୪ଟି ମଣ୍ଡି ସ୍ୱୟଂ ସହାୟକ ଗୋଷ୍ଠୀ ଦ୍ୱାରା ପରିଚାଳିତ ହେବାକୁ ଥିବା ବେଳେ ଅନ୍ୟ ୧୫ଟି ମଣ୍ଡି ସମବାୟ ସମିତି ପରିଚାଳନା କରିବ। ଏନେଇ ସମସ୍ତ ପ୍ରକାରର ପ୍ରସ୍ତୁତି ଶେଷ ହୋଇଛି। ଖୁବଶୀଘ୍ର ମଣ୍ଡି ଖୋଲାଯିବା ସହିତ କିଭଳି ଚାଷୀ ନିଜ ଧାନକୁ ମଣ୍ଡିରେ ଆଣି ଦେଇପାରିବେ ସେ ବ୍ୟବସ୍ଥା କରାଯାଇଛି ବୋଲି ବିଡିଓ ପାତ୍ର କହିଥିଲେ।

# ବିଡ଼େକା ନିର୍ମିତ କଲ୍ୟାଣ ମଣ୍ଡପ ଉଦ୍‌ଘାଟିତ



ଉପସ୍ଥିତ ଅତିଥିମାନେ।

ଭଞ୍ଜନଗର,୨୬।୧୨(ବାବୁଲା ପ୍ରଧାନ)
ଭଞ୍ଜନଗର ଜଳସମ୍ପଦ ବିଭାଗ କର୍ମଚାରୀ ୨୦୧୦ରେ ଭଞ୍ଜନଗର ଜଳସେଚନ ବିଭାଜନ କର୍ମଚାରୀ ସାଂସ୍କୃତିକ ପରିଷଦ (ବିଡ଼େକା) ଗଠନ କରିଥିଲେ। ସମାଜସେବା କରିବା ଏହାର ମୂଳ ଲକ୍ଷ୍ୟ ଥିଲା । ଏଥିପାଇଁ ବର୍ତ୍ତମାନର କର୍ମଚାରୀ ଏବଂ ଅବସରପ୍ରାପ୍ତ କର୍ମଚାରୀମାନେ ପ୍ରତି ମାସରେ ମାସିକ ଚାନ୍ଦା ଦିଅନ୍ତି। ଅଞ୍ଚଳବାସୀଙ୍କ ସୁବିଧା ପାଇଁ ଗଞ୍ଜାମ ଜିଲା ଭଞ୍ଜନଗର କବି ସମ୍ରାଟ ଉପେନ୍ଦ୍ର ଭଞ୍ଜ ମହାବିଦ୍ୟାଳୟ ସମ୍ମୁଖରେ ବେଲେଶ୍ୱର କଲ୍ୟାଣ ମଣ୍ଡପ ଗୁରୁବାର ଉଦ୍‌ଘାଟିତ ହୋଇଛି। ବିଧାୟକ ପ୍ରଦ୍ୟୁମ୍ନ କୁମାର ନାୟକ ମୁଖ୍ୟ ଅତିଥି ଭାବେ ଯୋଗଦେଇ କଲ୍ୟାଣ ମଣ୍ଡପକୁ ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ସେ କହିଥିଲେ ଅଞ୍ଚଳବାସୀଙ୍କ ସ୍ୱାର୍ଥ ପାଇଁ ବିଡେକା ଯେଉଁ କାର୍ଯ୍ୟକ୍ରମ ହାତକୁ ନେଉଛି ତାହା ପ୍ରଶଂସା ଯୋଗ୍ୟ। ବିଡେକାର ଉନ୍ନତି ପାଇଁ ଆଗାମୀ ଦିନରେ ଯାହା ସହଯୋଗ ଲୋଡ଼ା ତାହା ଯୋଗାଇଦେବେ ବୋଲି ପ୍ରତିଶ୍ରୁତି ଦେଇଥିଲେ। ଭଞ୍ଜନଗର ନଗରପାଳ ଗୋପବନ୍ଧୁ ମହାପାତ୍ର, ନଗର ଏମପି ପ୍ରତିନିଧି ସନ୍ତୋଷ ତିଆଡ଼ି, ବିଡ଼େକା କାର୍ଯ୍ୟକାରୀ ସଭାପତି ତଥା ଭଞ୍ଜନଗର ଜଳସେଚନ ବିଭାଜନ ଅଧୀକ୍ଷଣ ଯନ୍ତ୍ରୀ ଇଂ.ସଞ୍ଜୟ ପ୍ରଧାନ ଏବଂ ସମ୍ପାଦକ ଇଂ.ସନ୍ତୋଷ ଗୌଡ଼ ସମ୍ମାନିତ ଅତିଥି ଭାବେ ଉପସ୍ଥିତ ଥିଲେ। ବିଡ଼େକା ସଭ୍ୟ ଯନ୍ତ୍ରୀ ସୁମା ପ୍ରଧାନ, ସହକାରୀ ଯନ୍ତ୍ରୀ ଇଂ.ରଶ୍ମିରଞ୍ଜନ ରଥ, ଅବସରପ୍ରାପ୍ତ ସହକାରୀ ଯନ୍ତ୍ରୀ ପ୍ରସନ୍ନ ସ୍ୱାଇଁ, କ୍ୟାସିୟର ରାକେଶ ପଟ୍ଟନାୟକ, ସଭ୍ୟ ଅନ୍ତର୍ଯାମୀ ପଣ୍ଡା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଏହି ଅବସରରେ ଭାଜପା ନେତା ତଥା ପୂର୍ବତନ ଏନଏସି ଅଧକ୍ଷ ସୁଧୀର ରଞ୍ଜନ ବେହେରା, ପରିବେଶବିତ୍ ରମେଶ ପାତ୍ର, ଚିଦାନନ୍ଦ ସ୍ୱାଇଁ, ଶିବ ଶଙ୍କର ମହାପାତ୍ର, ବୁବୁନୁ ମହାନ୍ତି ଉପସ୍ଥିତ ଥିଲେ। ସୂଚନା ଯୋଗ୍ୟ, ବିଡେକା ପକ୍ଷରୁ ବର୍ତ୍ତମାନ ଆମ୍ବୁଲାନ୍ସ ସେବା ଜାରି ରଖିଛି। ଗରିବ ଛାତ୍ରୀ ଛାତ୍ରଙ୍କୁ ଉଚ୍ଚତର ଶିକ୍ଷା ପାଇଁ ସହାୟତା କରୁଛି। ପ୍ରତି କିଛି ମାସ ବ୍ୟବଧାନରେ ରକ୍ତଦାନ ଶିବିର ଆୟୋଜନ କରୁଛି। ବର୍ତ୍ତମାନ ଜଗନ୍ନାଥ ମନ୍ଦିର ନିର୍ମାଣ ଚାଲିଛି। ଆଗକୁ ବୃଦ୍ଧ ଆଶ୍ରମ ସହ ଆହୁରି ଅନେକ କିଛି ସେବା କାର୍ଯ୍ୟ କରିବା ଲକ୍ଷ୍ୟ ରଖାଯାଇଛି।

# ନିଖିଳ ଉତ୍କଳ କୁର୍ମୀ କ୍ଷତ୍ରିୟ ପ୍ରଦେଶ ମହାସଭା ଉଦ୍‌ଘାଟିତ

ଭଞ୍ଜନଗର,୨୬।୧୨(ବାବୁଲା ପ୍ରଧାନ)
ଗଞ୍ଜାମ ଜିଲା ଭଞ୍ଜନଗର ବ୍ଲକ ଟିଳିସିଙ୍ଗୀଠାରେ ଶୁକ୍ରବାର ନିଖିଳ ଉତ୍କଳ କୁର୍ମୀ କ୍ଷତ୍ରିୟ ପ୍ରଦେଶ ମହାସଭା ଉଦ୍‌ଘାଟିତ ହୋଇଛି। ଏହା ରବିବାର ପର୍ଯ୍ୟନ୍ତ ଚାଲିବ। ଏଥିରେ ରାଜ୍ୟ ଓ ରାଜ୍ୟ ବାହାରୁ ବିଭିନ୍ନ ଅଧିବେଶନରେ ୫୦ ହଜାରରୁ ଉର୍ଦ୍ଧ କର୍ମକର୍ତ୍ତା ଯୋଗଦେବାର କାର୍ଯ୍ୟକ୍ରମ ରହିଛି। ରାଷ୍ଟ୍ରୀୟ ସଂଯୋଜକ ଏଲ.ପି ପଟେଲ କାର୍ଯ୍ୟକ୍ରମକୁ ଉଦଘାଟନ କରିଥିଲେ। ଭଞ୍ଜନଗର ବିଧାୟକ ତଥା କୁର୍ମୀ କ୍ଷତ୍ରିୟ ପ୍ରଦେଶ ସଂସ୍ଥାର କର୍ମକର୍ତ୍ତା ପ୍ରଦ୍ୟୁମ୍ନ କୁମାର ନାୟକ ମୁଖ୍ୟ ଅତିଥି ଭାବେ ଯୋଗଦେଇ କୁର୍ମି ଜାତିର ଉନ୍ନତି ପାଇଁ ଯାହା ସାହାଯ୍ୟ ଲୋଡା ସେ ଯୋଗାଇ ଦେବାକୁ ପ୍ରତିଶ୍ରୁତି ଦେଇଥିଲେ। ରାଷ୍ଟ୍ରୀୟ ଅଧକ୍ଷ ଡ. ବିଜୟ ସିଂ ନିରଞ୍ଜନ, ରାଷ୍ଟ୍ରୀୟ ମହିଳା ଅଧକ୍ଷା ଲତା ଋଷି ଚନ୍ଦ୍ରକର, ରାଷ୍ଟ୍ରୀୟ ମହିଳା କୋଷାଧକ୍ଷା ମମତା ଏସ.ପଟେଲ, ରାଷ୍ଟ୍ରୀୟ ଯୁବ ଅଧକ୍ଷ ଧୀରଜ ପାଟିଦାର,ରାଷ୍ଟ୍ରୀୟ ଯୁବ ମହାସଚିବ ଅରୁଣ ପଟେଲ,ରାଷ୍ଟ୍ରୀୟ




ଉତ୍ସବରେ ଉପସ୍ଥିତ ଅତିଥିମାନେ।

ପ୍ରଚାର ପ୍ରସାର ମନ୍ତ୍ରୀ ପଠାଣି ଭଞ୍ଜ, ରାଷ୍ଟ୍ରୀୟ ସଚିବ ନେତାଜୀ ବିଷୋୟୀ, ରାଷ୍ଟ୍ରୀୟ ସଦସ୍ୟ ଗଙ୍ଗାଧର ନାୟକ, ବୈକୁଣ୍ଠନାଥ ପ୍ରଧାନ ଅତିଥି ଭାବେ ଯୋଗ ଦେଇଥିଲେ। ପ୍ରଦେଶ ସଭାପତି ସୂର୍ଯ୍ୟନାରାୟଣ ପ୍ରଧାନ ଏଥିରେ ଅଧକ୍ଷତା କରିଥିଲେ। ଉପସଭାପତି କଂଗ୍ରେସ ପ୍ରଧାନ, ସମ୍ପାଦକ ବିଶ୍ୱନାଥ ରାଉତ,ସହ ସମ୍ପାଦକ ପ୍ରଶାନ୍ତ ସାହୁ, କୋଷାଧକ୍ଷ ବିପିନଚନ୍ଦ୍ର ନାୟକ, ସାଙ୍ଗଠନିକ ସମ୍ପାଦକ ଭବାନୀ ଶଙ୍କର ପ୍ରଧାନ, ଆଇନ ପରାମର୍ଶଦାତା ରାଜେନ୍ଦ୍ର ପ୍ରସାଦ ପ୍ରଧାନ, ଦିବାକର ନାୟକ, ଅଭ୍ୟର୍ଥନା ସମିତି ସଭାପତି ଶ୍ରୀନିବାସ ପ୍ରଧାନ, ସମ୍ପାଦକ ସୁବାଷ ଚନ୍ଦ୍ର ପ୍ରଧାନ, ପ୍ରଦେଶ ମହିଳା ସଭାନେତ୍ରୀ ମହେଶ୍ୱତା ନାୟକ, ପ୍ରଦେଶ ଯୁବ ସଭାପତି ଆଲୋକ ପ୍ରଧାନ ପ୍ରମୁଖ ବିଭିନ୍ନ ଅଧିବେଶନରେ ଅତିଥି ଭାବରେ ଯୋଗ ଦେବେ। ପୂର୍ଣ୍ଣଚନ୍ଦ୍ର ପ୍ରଧାନ ଏବଂ ଅନ୍ୟମାନେ ପ୍ରାରମ୍ଭିକ ସଙ୍ଗୀତ ଗାନ କରିଥିଲେ। ଶେଷରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା।

### ଏନଏସି ବୈଠକକୁ ଆସିଲେନି ନିର୍ବାହୀ ଅଧିକାରୀ

ଅସନ୍ତୋଷ ପ୍ରକାଶ କରି ଅଧାରୁ ବୈଠକ ବନ୍ଦ କଲେ ଅଧକ୍ଷା

କାଶୀନଗର, ୨୬।୧୨(ପି ମୁରଲୀ)
ଗଜପତି ଜିଲା କାଶୀନଗରଠାରେ ଶୁକ୍ରବାର କାଶୀନଗର ଏନଏସିର କାଉନସିଲ ବୈଠକ ବସିଥିଲା। ଏ ସମ୍ପର୍କରେ ନିର୍ବାହୀ ଅଧିକାରୀ ଭାଗବତ ସାହୁ ଅବଗତ ଥିଲେ ମଧ୍ୟ ବୈଠକରେ ଯୋଗ ଦେଇ ନ ଥିଲେ । ସେ କାଶୀନଗରରେ ଅନୁପସ୍ଥିତ ଥିବା ଜାଣିବା ପରେ ଅଧକ୍ଷା ଏମ.ସୁଧାରାଣୀ ବୈଠକ ବାତିଲ କରିବା ସହ ନିର୍ବାହୀ ଅଧିକାରୀଙ୍କ ଅନୁପସ୍ଥିତିକୁ ନେଇ କ୍ଷୋଭ ପ୍ରକାଶ କରିଥିଲେ। ବୈଠକ ପାଇଁ କୋରମ ଥିବା ସତ୍ତ୍ୱେ ନିର୍ବାହୀ ଅଧିକାରୀଙ୍କ ଅନୁପସ୍ଥିତ ହେତୁ ବୈଠକ ହୋଇପାରିଲା ନାହିଁ ବୋଲି ସେ କହିଛନ୍ତି। ନିର୍ବାହୀ ଅଧିକାରୀ ସାହୁ କର୍ତ୍ତବ୍ୟରେ ଅବହେଳା କରୁଥିବା ନେଇ ସାଧାରଣରେ ଅଭିଯୋଗ ହେଉଛଇ। କାଶୀନଗର ସହରର ଅଟକି ରହିଥିବା ବିକାଶମୂଳକ କାର୍ଯ୍ୟ, ଅଧାପନ୍ତରିଆ ଭାବେ ପଡିରହିଥିବା କାର୍ଯ୍ୟଗୁଡ଼ିକ ଶେଷ କରିବା ସହ ବିଭିନ୍ନ ସମସ୍ୟା ସମ୍ପର୍କରେ ନିର୍ବହୀ ଅଧିକାରୀଙ୍କୁ କାଶୀନଗରବାସୀ ଜଣାଇଥିଲେ ମଧ୍ୟ ସେ କୌଣସି ପଦକ୍ଷେପ ନେଉନାହାନ୍ତି। ଏନେଇ ଲୋକଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ତୁରନ୍ତ ସହରର ସମସ୍ୟା ସମାଧାନ ଲାଗି ଦାବି ହେଉଛି। ଜିଲା ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେବାକୁ ମତ ପ୍ରକାଶ ପାଉଛି।

### ଆଉଟ୍‌ଡୋରରେ ଘଣ୍ଟାଏ ରୋଗୀସେବା ବନ୍ଦ

ଛତ୍ରପୁର,୨୬।୧୨(ଦିଲୀପ ସାମଲ): ସାରା ରାଜ୍ୟରେ ମଞ୍ଜୁରୀପ୍ରାପ୍ତ ପଦ ଅପେକ୍ଷା ପାଖାପାଖି ଅଧାରୁ ଅଧିକ ଡାକ୍ତର ପଦବୀ ଖାଲି ରହିଛି। ଏହି ପଦବୀ ସବୁ ପୂରଣ କରିବା ସହ ଅନ୍ୟ କିଛି ଦାବି ପାଇଁ ସରକାରଙ୍କ ଅଣଦେଖା ପ୍ରତିବାଦରେ ଆନ୍ଦୋଳନକୁ ଓହ୍ଲାଇଛି ଓଡ଼ିଶା ମେଡିକାଲ ସର୍ଭିସେସ ଆସୋସିଏଶନ (ଓମ୍‌ସା)। ଶୁକ୍ରବାରଠାରୁ ୧ ଘଣ୍ଟା ଆଉଟଡୋରରେ (ବର୍ହିବିଭାଗ) ରୋଗୀସେବା ବନ୍ଦ କରଯାଇଛି। ଏହାକୁ ସମର୍ଥନ ଜଣାଇ ଗଞ୍ଜାମ ଜିଲାର ଛତ୍ରପୁର ଉପଖଣ୍ଡ ଚିକିତ୍ସାଳୟ ଏବଂ ମୁନିସିପେଣ୍ଟ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ପୂର୍ବାହ୍ନ ୧୦ଟାରୁ ୧୧ଟା ପର୍ଯ୍ୟନ୍ତ ବର୍ହିବିଭାଗ ରୋଗୀସେବା ବନ୍ଦ ରହିଥିଲା। ଆନ୍ଦୋଳନ ପ୍ରତ୍ୟାହାର ପର୍ଯ୍ୟନ୍ତ ଏହିପରି ପ୍ରତ୍ୟେକ ଦିନ ୧ ଘଣ୍ଟା ସେବା ବନ୍ଦ ରହିବ ମୁନିସିପେଣ୍ଟ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ମେଡିକାଲ ଇନ୍‌ଚାର୍ଜ ଡାକ୍ତର ସ୍ୱାଧୀନ କୁମାର ରଥ କହିଛନ୍ତି।

# ନୂଆବର୍ଷ ପାଇଁ ଜିଲାପାଳଙ୍କ 'ପ୍ରଗତି ପାଇଁ ପ୍ରତିଜ୍ଞା' ନିର୍ଦ୍ଦେଶନାମା

ଛତ୍ରପୁର,୨୬।୧୨ (ଦିଲୀପ ସାମଲ)– ଗଞ୍ଜାମ ଜିଲାର ସମସ୍ତ ଜିଲା କାର୍ଯ୍ୟାଳୟରେ ନୂତନ ବର୍ଷ ଆରମ୍ଭଠାରୁ ଫୁଲତୋଡ଼ା, ଉପହାର ଓ ମିଠା ପ୍ୟାକେଟ ମନା। ଜିଲାପାଳ ଭି.କିର୍ତ୍ତୀ ଭାସନ ଏନେଇ ଏକ ନିର୍ଦ୍ଦେଶନାମା ଜାରି କରିଛନ୍ତି। ଜିଲାପାଳ କହିଛନ୍ତି ଯେ, ନୂଆବର୍ଷ ପାଳନ ଉପଲକ୍ଷେ ବିଭିନ୍ନ ଜିଲାସ୍ତରୀୟ ଅଧିକାରୀଙ୍କୁ ଭେଟିବା ପାଇଁ ଆସୁଥିବା ବ୍ୟକ୍ତି ବିଶେଷ ନିଜ ସହ ଆଣୁଥିବା ଫୁଲତୋଡ଼ା ଓ ଉପହାରରେ ପଲିଥିନ ବ୍ୟାଗ ଓ ଥର୍ମୋକୁଲ ଆଦି ଗୋଟିଏ ଥର ବ୍ୟବହାର ଯୋଗ୍ୟ ପ୍ଲାଷ୍ଟିକର ବ୍ୟବହାର କରାଯାଇଥାଏ। ଏସବୁ ଯୋଗୁ ପରିବେଶ ପ୍ରଦୂଷିତ ହେଉଥିବାରୁ ଜିଲାର ସମସ୍ତ କାର୍ଯ୍ୟାଳୟରେ ଏସବୁ ନେଇ ଆସିବା ଉପରେ ବାରଣ କରାଯାଇଛି। ଏଥି ସହିତ ଜିଲାର ସମସ୍ତ ଜନସାଧାରଣଙ୍କୁ ପରିବେଶ ସୁରକ୍ଷା ପାଇଁ ସଚେତନତା କରାଇବା ପାଇଁ ଧରିତ୍ରୀ ମା ପାଇଁ 'ପ୍ରଗତି ପାଇଁ ପ୍ରତିଜ୍ଞା' ଶୀର୍ଷକ ଏକ ସଙ୍କଳ୍ପନାମା ଜାରି କରାଯାଇଛି। ସବୁ କାର୍ଯ୍ୟାଳୟରେ ଏହି ସଙ୍କଳ୍ପ ପାଇଁ ବ୍ୟବସ୍ଥା କରାଯାଇଥିବା କ୍ୟୁଆର କୋର୍ଡ ଲଗାଇ କାର୍ଯ୍ୟାଳୟକୁ ଆସୁଥିବା ଜନସାଧାରଣଙ୍କୁ ଏ ସମ୍ପର୍କରେ ସଚେତନ କରିବାକୁ ଜିଲାପାଳ ଆହ୍ୱାନ ଦେଇଛନ୍ତି। ଏଥିସହିତ ଜିଲାରେ କରାଯାଉଥିବା ବିଭିନ୍ନ କାର୍ଯ୍ୟକ୍ରମ ସମ୍ମିଳନୀ, ବୈଠକ ଆଦିରେ ପ୍ଲାଷ୍ଟିକ ପାଣି ବୋତଲ ବ୍ୟବହାର ମନା କରାଯାଇ ସମସ୍ତ କାର୍ଯ୍ୟାଳୟରେ ସବୁଜିମା ଉପରେ ଗୁରୁତ୍ୱ ଦେବାକୁ କୁହାଯାଇଛି।

# ପ୍ରଧାନମନ୍ତ୍ରୀଙ୍କଠାରୁ ପୁରସ୍କାର ଗ୍ରହଣ କରିବେ ଓଡ଼ିଆ ଝିଅ ପ୍ରିୟାଂଶୀ

ଗଞ୍ଜାମ,୨୬।୧୨(ବିଦ୍ୟାଧର ସାହୁ)
ବିକଶିତ ଭାରତ ୟଙ୍ଗ ଲିଡରସ ଡାଏଲଗ ୨୦୨୬ର ଷ୍ଟେଟ ଚାମ୍ପିୟନ ଭାବେ ଗଞ୍ଜାମ ଜିଲା ହୁମା ଗ୍ରାମର ଓଡ଼ିଆ ଝିଅ ପ୍ରିୟାଂଶୀ ବିଶ୍ୱାଳ ମନୋନୀତ ହୋଇଛନ୍ତି, ଯାହାକୁ ନେଇ ସ୍ଥାନୀୟ ଅଞ୍ଚଳରେ ଖୁସିର ଲହରି ଖେଳିଯାଇଛି। ତାଙ୍କର ଏହି ସଫଳତା ପାଇଁ ବିଭିନ୍ନ ମହଲରୁ ଶୁଭେଚ୍ଛାର ସୁଅ ଛୁଟୁଛି। ପ୍ରିୟାଂଶୀ ହେଉଛନ୍ତି ହୁମା ଗ୍ରାମର ସଂଗୀତା ବିଶ୍ୱାଳ ଏବଂ କାମେଶ୍ୱର ବିଶ୍ୱାଳଙ୍କ ଝିଅ। ସେ ଯାଜପୁର ଜିଲାରେ ଯୁକ୍ତ ୨ରେ ସେଣ୍ଟ ଜାଭିୟର ସ୍କୁଲରେ ଅଧ୍ୟୟନ କରୁଛନ୍ତି। ଆଗାମୀ ଜାନୁଆରୀ ୧୦ରୁ ୧୨ ତାରିଖରେ ହେବାକୁ ଥିବା କାର୍ଯ୍ୟକ୍ରମରେ ପ୍ରଧାନମନ୍ତ୍ରୀଙ୍କଠାରୁ ନୂଆଦିଲୀର ଭାରତ ମଣ୍ଡପରେ ପୁରସ୍କାର ଗ୍ରହଣ କରିବେ। ସେହିପରି ସେ କୋଣାର୍କ ନୃତ୍ୟ ଉତ୍ସବରେ ଓଡ଼ିଶୀ ନୃତ୍ୟରେ ଉତ୍କଳ ଶ୍ରୀ ସମ୍ମାନ ପାଇଛନ୍ତି। ସ୍ୱଚ୍ଛ ଭାରତରେ ଅଲ ଇଣ୍ଡିଆ ପ୍ରବନ୍ଧ ପ୍ରତିଯୋଗିତାରେ ପ୍ରଥମ, ଓଡ଼ିଶା ସ୍କାଉଟ ଗାଇଡ୍‌ରେ ରାଜ୍ୟ ସ୍ତରରେ ପୁରସ୍କାର ପାଇଛନ୍ତି।

# ଲିମାଇ ଓଡ଼ିଆ ହ୍ୟାଣ୍ଡ ବଲ ଦଳରେ ସ୍ଥାନ ପାଇଲେ

ପାରଳାଖେମୁଣ୍ଡି,୨୬।୧୨(ଗିରିଧାରୀ ପରିଚ୍ଛା)
ଗଜପତି ଜିଲା ରାୟଗଡ଼ ସରକାରୀ ଏସ୍‌ଏସ୍‌ଡି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଷ୍ଟମ ଶ୍ରେଣୀ ଛାତ୍ର ଲିମାଇ ଚରଣ ରାଉତ ଓଡ଼ିଶା ରାଜ୍ୟ ବିଦ୍ୟାଳୟ ୧୪ ବର୍ଷରୁ କମ ଓଡ଼ିଆ ହ୍ୟାଣ୍ଡ ବଲ ପ୍ରତିଯୋଗିତାର ବାଳକ ଦଳରେ ସ୍ଥାନ ପାଇଛନ୍ତି। ଆସନ୍ତା ଜାନୁଆରୀ ୫ରୁ ୧୦ ପର୍ଯ୍ୟନ୍ତ ରାଜସ୍ଥାନର ଫତେଗଡଠାରେ ହେବାକୁ ଥିବା ଜାତୀୟ ହ୍ୟାଣ୍ଡ ବଲ ଚାମ୍ପିଅନଶିପରେ ଲିମାଇ ଭାଗ



ନେବେ। ତାଙ୍କର ଏହି ସଫଳତା ପାଇଁ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ସୁରଶ ସାହୁକାର ଏବଂ କ୍ରୀଡା ଶିକ୍ଷକ ସନ୍ତୋଷ ପ୍ରସାଦ ପଣ୍ଡା ଓ ଜିଲା ଶାରୀରିକ ଶିକ୍ଷା ଅଧିକାରୀ ସୁରେନ୍ଦ୍ର ପାତ୍ର ଶୁଭେଚ୍ଛା ଜଣାଇଛନ୍ତି। ରାୟଗଡ଼ ବ୍ଲକ ଅଧକ୍ଷା ପୂର୍ଣ୍ଣବାସୀ ନାୟକ, ଉପାଧକ୍ଷ ଜ୍ୟୋତି ପ୍ରସାଦ ପାଣି,ଏସଡିସି ପୂର୍ବତନ ଅଧକ୍ଷ ଅନ୍ତର୍ଯ୍ୟାମୀ ଗମାଙ୍ଗ ଏବଂ ସ୍ଥାନୀୟ ଅଞ୍ଚଳର ଯୁବ କ୍ରୀଡାବିତମାନେ ଖୁସି ପ୍ରକାଶ କରିଛନ୍ତି।

# ବ୍ଲକସ୍ତରୀୟ ଧାନମଣ୍ଡି ଉଦ୍‌ଘାଟନ କଲେ ମନ୍ତ୍ରୀ ଗୋକୁଳାନନ୍ଦ




ମନ୍ତ୍ରୀ ଉଦ୍‌ବୋଧନ ଦେଉଛନ୍ତି ।

ବୁଗୁଡ଼ା,୨୬।୧୨(କାଳୀ ଚରଣ ଦାଶ)
ବୁଗୁଡ଼ା ବ୍ଲକ୍ ଅନ୍ତର୍ଗତ ମୋଟାବାଡ଼ି ସେବା ସମବାୟ ସମିତିରେ ବ୍ଲକସ୍ତରୀୟ ଧାନମଣ୍ଡି ଉଦ୍‌ଘାଟିତ ହୋଇଛି। ଏହାକୁ ରାଜ୍ୟ ମତ୍ସ୍ୟ ଓ ପଶୁସମ୍ପଦ ବିକାଶ ବିଭାଗ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ ଉଦ୍‌ଘାଟନ କରିଛନ୍ତି। ସମସ୍ତ ଚାଷୀ ଧାନମଣ୍ଡିରେ ଏଫ୍‌ଏକ୍ୟୁ ମାନର ଧାନ ଦେଇ ଏହାର ମୂଲ୍ୟ ବାବଦକୁ କୁଇଣ୍ଟାଲ ପିଛା ୩୧୦୦ ଟଙ୍କା ପ୍ରାପ୍ୟ ନେବାକୁ ମନ୍ତ୍ରୀ କହିଥିଲେ। ବିଡ଼ିଓ ଦ୍ୟୁତିକୃଷ୍ଣ ପାତ୍ର, ତହସିଲଦାର ତାପସ ରାଉତ, ବ୍ଲକ୍ ଅଧକ୍ଷା ପ୍ରତିନିଧି କେ.ନୀଳମାଧବ ଆଚାରୀ, ଉପାଧକ୍ଷ ମାନସ ରଞ୍ଜନ ପ୍ରଧାନ, ବୁଗୁଡ଼ା ଏସ୍‌ଆର୍‌ସିଏସ୍ ନୃସିଂହ ଚରଣ ପଣ୍ଡା, କୃଷି ଅଧିକାରୀ ହରପ୍ରିୟା ବେହେରା, ଏମ୍‌ଆଇ ବିବେକାନନ୍ଦ ମହାନ୍ତି, ମୋଟାବାଡ଼ି ସେବା ସମବାୟ ସମିତିର ସଭାପତି ପବିତ୍ର ଆରୁଖ, ଆତ୍ମାର ଅଧକ୍ଷ ସନ୍ତୋଷ ସାହୁ, ବିଧାୟକଙ୍କ ପ୍ରତିନିଧି ହରିକୃଷ୍ଣ ସାହୁ, ବସନ୍ତ ଦଳେଇ, ବସନ୍ତ ସାମଲ, ଭାଗ୍ୟବତୀ ଗୌଡ, ସମସ୍ତ ସେବା ସମବାୟ ସମିତିର ସମ୍ପାଦକ, ଡିଇଓ, ସମସ୍ତ ମିଲର୍ ଓ ବହୁ ଚାଷୀ ଉପସ୍ଥିତ ଥିଲେ। ସରକାରଙ୍କ ସହଯୋଗରେ ପ୍ରାୟ ୫୦ ଲକ୍ଷ ଟଙ୍କା ବ୍ୟୟରେ ନୂତନ ଭାବେ ନିର୍ମିତ ହୋଇଥିବା ଧାନ କ୍ରୟ କେନ୍ଦ୍ରକୁ ମନ୍ତ୍ରୀ ଉଦ୍‌ଘାଟନ କରିଛନ୍ତି।

## ଖୋଲାଗଲା ମା' ବାଙ୍କେଶ୍ୱରୀଙ୍କ ଦାନହୁଣ୍ଡି

ଦିଗପହଣ୍ଡି,୨୬।୧୨ (ଅଶେଷନାଥ ମିଶ୍ର)
ଦିଗପହଣ୍ଡି ବ୍ଲକ ବି. ତୁରୁବୁଡି ପଞ୍ଚାୟତ କେରାଣ୍ଡିମାଳ ପର୍ବତ ଶିଖରରେ ପୂଜା ପାଉଥିବା ମା' ନିଜ ବାଙ୍କେଶ୍ୱରୀ ମନ୍ଦିର ପରିସରରେ ଥିବା ଦାନହୁଣ୍ଡି ଶୁକ୍ରବାର ଖୋଲା ଯାଇଥିଲା। ସେଥିରୁ ୧୧ ଲକ୍ଷ ୯୩ ହଜାର ୬ ଶହ ଟଙ୍କା ମିଳିଥିବା ଜଣାପଡ଼ିଛି। ମନ୍ଦିର ଉନ୍ନୟନ କମିଟି ସମ୍ପାଦକ ତଥା ପୂର୍ବତନ ବ୍ଲକ ଅଧକ୍ଷ ବିପିନ ଚନ୍ଦ୍ର ପ୍ରଧାନ, ପରିଚାଳନା କମିଟି ସଭାପତି ରବୀନ୍ଦ୍ର ମଲ୍ଲିକ, କାର୍ଯ୍ୟକର୍ତ୍ତା ରାମକୃଷ୍ଣ ଚୌଧୁରୀ, ଏଫ୍. ରାଜୀବ ରେଡ୍ଡୀ, ସରପଞ୍ଚ ଲିଙ୍ଗରାଜ ଦୋରା, ପୂର୍ବତନ ସରପଞ୍ଚ ଅସିତ କୁମାର ସାହୁ, ରାଜ କିଶୋର ମହାନ୍ତିଙ୍କ ସମେତ ପରିଚାଳନା କମିଟିର ବହୁ ସଂଖ୍ୟକ କର୍ମକର୍ତ୍ତା ଓ ସଭ୍ୟଙ୍କ ଉପସ୍ଥିତିରେ ୫ଟି ଦାନହୁଣ୍ଡି ଖୋଲାଯାଇ ଭକ୍ତ ମାନଙ୍କ ପକ୍ଷରୁ ପ୍ରଦତ୍ତ ଅର୍ଥରାଶି ଗଣତି କରାଯାଇଥିଲା। ସମୟ ଅଭାବରୁ ମନ୍ଦିର ପରିସରରେ ଥିବା ଆଉ ଏକ ଦାନହୁଣ୍ଡି ଖୋଲା ଯାଇ ନ ଥିବା ଜଣାପଡ଼ିଛି। ପରବର୍ତ୍ତୀ ସମୟରେ ତାହାକୁ ଖୋଲାଯିବା ନିମନ୍ତେ ମନ୍ଦିର ପରିଚାଳନା କମିଟି ପକ୍ଷରୁ ସ୍ଥିର କରାଯାଇଥିବା ଜଣାପଡ଼ିଛି। ଦାନହୁଣ୍ଡିରୁ ମିଳିଥିବା ଅର୍ଥରାଶିକୁ ପରିଚାଳନା କମିଟି ସଭାପତିଙ୍କୁ ହସ୍ତାନ୍ତର କରାଯାଇଥିଲା। ପରବର୍ତ୍ତୀ ସମୟରେ ଏହାକୁ ମନ୍ଦିର ପରିଚାଳନା କମିଟି ଯୁଗ୍ମ ବ୍ୟାଙ୍କ ଖାତାରେ ଜମା କରାଯିବା ପାଇଁ ନିଷ୍ପତ୍ତି ହୋଇଛି। ଗତ ୨ ବର୍ଷ ପୂର୍ବେ ଦାନହୁଣ୍ଡି ଖୋଲା ଯାଇ ସେଥିରୁ ୯ ଲକ୍ଷ ଟଙ୍କା ମିଳିଥିଲା। ଦାନହୁଣ୍ଡିରୁ ଏବଂ ଅନଲାଇନ୍ ମାଧ୍ୟମରେ ମିଳିଥିବା ପ୍ରାୟ ୩୦ଲକ୍ଷ ଟଙ୍କା ବ୍ୟାଙ୍କ ଜମାଖାତାରେ ଥିବା ଜଣାପଡ଼ିଛି।

# ବିଜେଡି ପ୍ରତିଷ୍ଠା ଦିବସ ପାଳିତ

ଛତ୍ରପୁର,୨୬।୧୨(ଦିଲୀପ ସାମଲ): ଛତ୍ରପୁର ନିର୍ବାଚନ ମଣ୍ଡଳୀ ପକ୍ଷରୁ ଶୁକ୍ରବାର ପୂର୍ବତନ ବିଧାୟକ ସୁବାଷ ଚନ୍ଦ୍ର ବେହେରାଙ୍କ ନେତୃତ୍ୱରେ ଶୁକ୍ରବାର ବିଜେଡିର ୨୯ତମ ପ୍ରତିଷ୍ଠା ଦିବସ ପାଳିତ ହୋଇଛି। ୨ସ୍ଥାନରେ ଥିବା ବିଜୁ ପଟ୍ଟନାୟକଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇ ତାଙ୍କର ସ୍ମୃତିଚାରଣ କରାଯାଇଥିଲା। ଛତ୍ରପୁର ଏନଏସି ଉପାଧକ୍ଷ ଜି. ପାପାରାଓ, ଶ୍ରମିକ ନେତା ଶଙ୍କର ପ୍ରସାଦ ଦାଶ, ଗଞ୍ଜାମ ବ୍ଲକ ଉପାଧକ୍ଷ ଅନ୍ତର୍ଯାମୀ ବେହେରା, ଛତ୍ରପୁର ବିଜେଡି ବ୍ଲକ ସଭାପତି ପ୍ରବାସୀ ପ୍ରଧାନ, ନଗର ବିଜେଡି ସଭାପତି ବି. ରାଜୁବାବୁ, ବିଜୁ ଛାତ୍ର ଜନତା ଦଳର ଜିଲା ସଭାପତି ପ୍ରଶାନ୍ତ ପଣ୍ଡାଙ୍କ ସହ ଅନ୍ୟମାନେ ଉପସ୍ଥିତ ଥିଲେ।

**ଭଞ୍ଜନଗର,(ବାବୁଲା ପ୍ରଧାନ):** ଭଞ୍ଜନଗର ବ୍ଲକ ବାଉଁଶଲୁଣ୍ଡି ବିଜୁ ସ୍ମୃତି ଭବନଠାରେ ବିଜେଡିର ପ୍ରତିଷ୍ଠା ଦିବସ ପାଳିତ ହୋଇଛି। ବିଜେଡି ବ୍ଲକ ସଭାପତି ରାଜେନ୍ଦ୍ର ପ୍ରସାଦ ପ୍ରଧାନ ଅଧକ୍ଷତା କରିଥିଲେ। ବିରେନ୍ଦ୍ର କେଶରୀ ଆରୁଖ, ସରପଞ୍ଚ ରଞ୍ଜିତ ଆରୁଖ, ଭକ୍ତରାମ ଜେନା ଓ ଅନ୍ୟମାନେ ଉପସ୍ଥିତ ଥିଲେ।

**ଧରାକୋଟ(ବିଷ୍ଣୁକେଶରୀ ଆଚାର୍ଯ୍ୟ):** ଧରାକୋଟ ରେ ବ୍ଲକ ବିଜେଡି ସଭାପତି ସଞ୍ଜୟ ପାତ୍ରଙ୍କ ସଭାପତିତ୍ୱରେ ବିଜେଡି ପ୍ରତିଷ୍ଠା ଦିବସ ପାଳିତ ହୋଇଛି। ଏଥିରେ ପୂର୍ବତନ ବିଧାୟିକା ନନ୍ଦିନୀ ଦେବୀ, ବ୍ଲକ ଅଧକ୍ଷା ସୁଲକ୍ଷଣା ଗୀତାଞ୍ଜଳି ଦେବୀ, ସାନଖେମୁଣ୍ଡି ବ୍ଲକ ଅଧକ୍ଷ ସୀମାଞ୍ଚଳ ପାତ୍ରଙ୍କ ସହ ଶତାଧିକ କର୍ମୀ ଯୋଗ ଦେଇଥିଲେ।

**ଆସିକା,(ସୁରେନ୍ଦ୍ର ନାଥ ସାହୁ):** ଆସିକାରେ ଦଳର ଦୁଇ ଗୋଷ୍ଠୀ ପୃଥକ ଭାବେ ବିଜେଡିର ପ୍ରତିଷ୍ଠା ଦିବସ ପାଳନ କରିଛନ୍ତି। ପୂର୍ବତନ ବିଧାୟିକା ମଞ୍ଜୁଳା ସ୍ୱାଇଁଙ୍କ ଅଧକ୍ଷତାରେ ଦଳିୟ କାର୍ଯ୍ୟାଳୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ପୂର୍ବତନ ଏମ୍‌ପି ପ୍ରମିଳା ବିଷୋୟୀ, ଯୁବନେତା ନଚିକେତା ସ୍ୱାଇଁ, ଏନଏସି ଉପାଧକ୍ଷା ଜୟନ୍ତୀ ବିଷୋୟୀ, ଜିଲା ପରିଷଦ ସଦସ୍ୟ ମନୋଜ ଦୋରା, ସରପଞ୍ଚ ବିଦ୍ୟାନ୍ତ ଟର୍ଣ୍ଣଙ୍କ ସହ ଅନ୍ୟମାନେ ଥିଲେ। ସେହିଭଳି ବିଜେଡି ନଗର ସଭାପତି ସତ୍ୟନାରାୟଣ ସ୍ୱାଇଁଙ୍କ ନେତୃତ୍ୱରେ ଦଳିୟ କର୍ମୀ ବିଜୁବାବୁଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟ ଅର୍ପଣ ପୂର୍ବକ ଏହିଦିବସ ପାଳନ କରିଥିଲେ।

**ବୁଗୁଡା, (କାଳିଚରଣ ଦାଶ)**ବୁଗୁଡ଼ା ବ୍ଲକ୍ ଓ ଏନ୍‌ଏସି ବିଜେଡି ପକ୍ଷରୁ ଦଳର ପ୍ରତିଷ୍ଠା ଦିବସ ପାଳନ ହୋଇଛି। ବ୍ଲକ କାର୍ଯ୍ୟାଳୟ ଏବଂ ନୂଆ ବସଷ୍ଟାଣ୍ଡ ପରିସରସ୍ଥ ବିଜୁବାବୁଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରାଯାଇଥିଲା।ପ୍ରାକ୍ତନ କାଉନ୍‌ସିଲର ସୁଧାଂଶୁ ଶେଖର ପାଢ଼ୀ, ସୂର୍ଯ୍ୟ ନାରାୟଣ ମହାନ୍ତି, ସରପଞ୍ଚ ସୁଶାନ୍ତ ପ୍ରଧାନ, ମନୋରଞ୍ଜନ ଦାଶ, ବୁଗୁଡା ବ୍ଲକ ପ୍ରାକ୍ତନ ଅଧକ୍ଷ କିଶୋର ଚନ୍ଦ୍ର ବେହେରା, ଜିତେନ୍ଦ୍ର ସ୍ୱାଇଁ ଓ କର୍ମୀ ଉପସ୍ଥିତ ଥିଲେ।

**ପୁରୁଷୋତ୍ତମପୁର,(ସବିତା ମିଶ୍ର):** ପୁରୁଷୋତ୍ତମପୁର ବ୍ଲକ୍ ଏବଂ ଏନ୍‌ଏସି ପକ୍ଷରୁ ବିଜେଡିର ପ୍ରତିଷ୍ଠା ଦିବସ ପାଳିତ ହୋଇଛି। ଖଲ୍ଲିକୋଟରେ ପୂର୍ବତନ ବିଧାୟିକା ସୂର୍ଯ୍ୟମଣି ବୈଦ୍ୟଙ୍କ ସମେତ ଖଲ୍ଲିକୋଟ ବ୍ଲକ୍ ମହିଳା ବିଜେଡି ସଭାନେତ୍ରୀମିତାଞ୍ଜଳି ମିଶ୍ର, ପୁରୁଷୋତ୍ତମପୁର ବ୍ଲକ୍ ସଭାପତି ନୀଳମଣି ପଣ୍ଡା, ଏନ୍‌ଏସି ନଗର ସଭାପତି ପ୍ରଭାତ ପଟ୍ଟନାୟକ, କାଉନସିଲର ଅଶୋକ ମହାକୁଡ ଓ କର୍ମୀ ସାମିଲ ହୋଇଥିଲେ।

**ଦିଗପହଣ୍ଡି, (ଅଶେଷ ନାଥ ମିଶ୍ର):** ଦିଗପହଣ୍ଡିଠାରେ ବିଜେଡ଼ିର ପ୍ରତିଷ୍ଠା ଦିବସ ପାଳିତ ହୋଇଛି। ବ୍ଲକ ଓ ନଗର କମିଟି ପକ୍ଷରୁ ବିଜେଡ଼ି କାର୍ଯ୍ୟାଳୟରୁ ଦଳୀୟ କାର୍ଯ୍ୟକର୍ତ୍ତା ଓ ସଂଖ୍ୟକ କର୍ମୀ ଏକ ବାଇକ ଶୋଭାଯାତ୍ରାରେ ସହର ପରିକ୍ରମା କରି ବିଜୁବାବୁଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ।

## ଚାଷୀଙ୍କୁ ଟୋକନ ମିଳିବାରେ ବିଳମ୍ବ

ଶେରଗଡ଼,(ସୂର୍ଯ୍ୟ ନାରାୟଣ ଦାଶ)ଶେରଗଡ଼ ବ୍ଲକରେ ଗତ ୨୩ ତାରିଖରୁ ଧାନ ମଣ୍ଡି ଶୁଭାରମ୍ଭ ହୋଇଛି। ଆଜିକୁ ତିନି ଦିନ ବିତିଥିଲେ ୧୯ଟି ମଣ୍ଡି ପାଇଁ ୧୦୦ ଜଣ ଚାଷୀଙ୍କର ସୁଦ୍ଧା ଟୋକନ ଆସିନାହିଁ। ଧାନ ଅମଳ ହୋଇ ବିଲରେ, ଖଳାରେ ଓ ରାସ୍ତା କଡ଼ରେ ପଡ଼ିଛି । ଚାଷୀ ଟୋକନକୁ ଅପେକ୍ଷା କରି ରହିଛନ୍ତି। ୧୫ଟି ସମବାୟ ସମିତି ଓ ୪ଟି ସ୍ୱୟଂ ସହାୟକ ଗୋଷ୍ଠୀ ପକ୍ଷରୁ ମଣ୍ଡି ଖୋଲିଥିଲେ ମଧ୍ୟ କାହାର ୫ ଜଣ ତ କାହାର ୭ ଜଣଙ୍କ ଟୋକନ ଆସିଥିବା ଜଣାପଡିଛି। ତୁରନ୍ତ ଯୋଗାଣ ବିଭାଗ ଏଥିପ୍ରତି ଦୃଷ୍ଟି ଦେବାକୁ ଚାଷୀ ଦାବି କରିଛନ୍ତି।



**ସଂକ୍ଷେପରେ**

## ଓମ୍‌ସାର ଆନ୍ଦୋଳନ, ୧ ଘଣ୍ଟା ବର୍ହିବିଭାଗ ରୋଗୀ ସେବା ବନ୍ଦ

ରାଇକିଆ, ୨୬।୧୨ (ପ୍ରଦୀପ ବେହେରା)

ସାରା ରାଜ୍ୟରେ ମଞ୍ଜୁରୀ ପ୍ରାପ୍ତ ପଦ ଅପେକ୍ଷା ପାଖାପାଖି ଅଧାରୁ ଅଧିକ ଡାକ୍ତର ପଦବୀ ଖାଲି ରହିଛି। ଏହି ପଦବୀ ସବୁ ପୂରଣ କରିବା ସହ ଅନ୍ୟ କିଛି ଦାବି ପାଇଁ ସରକାରଙ୍କ ଅଣଦେଖା ପ୍ରତିବାଦରେ ଓଡ଼ିଶା ମେଡ଼ିକାଲ ସର୍ଭିଶେସ ଏସୋସିଏଶନ ଆନ୍ଦୋଳନକୁ ଓହ୍ଲାଇଛି। ଶୁକ୍ରବାର ଠାରୁ ଏକ ଘଣ୍ଟା ବର୍ହିବିଭାଗ ରୋଗୀ ସେବା ବନ୍ଦ କରଯାଇଛି। ଏହାକୁ ସମର୍ଥନ ଜଣାଇ ରାଇକିଆ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ସକାଳ ୧୦ ଟାରୁ ୧୧ ଟା ପର୍ଯ୍ୟନ୍ତ ବର୍ହିବିଭାଗ ରୋଗୀ ସେବା ବନ୍ଦ ରହିଥିଲା । ଆନ୍ଦୋଳନ ପ୍ରତ୍ୟାହାର ପର୍ଯ୍ୟନ୍ତ ଏହିପରି ପ୍ରତ୍ୟେକ ଦିନ ଏକ ଘଣ୍ଟା ସେବା ବନ୍ଦ ରହିବ ବୋଲି ରାଇକିଆ ମେଡିକାଲ ଇନ ଚାର୍ଜ ଶ୍ରୀନିବାସ ପାତ୍ର କହିଛନ୍ତି।

## ସୁବଳୟା କଲେଜରେ ବାର୍ଷିକୋତ୍ସବ

### ଉଦ୍‌ଘାଟନ କଲେ ପରିବହନ ମନ୍ତ୍ରୀ

ରମ୍ଭା,୨୬।୧୨(ବନବାସୀ ସେଠୀ)

ଗୋପାଳକୃଷ୍ଣ ବିଜ୍ଞାନ ମାଧ୍ୟମିକ ବିଦ୍ୟାଳୟ ସୁବଳୟାରେ ୩୩ତମ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଛି। ଅଧ୍ୟକ୍ଷ ଡ଼.ସିଏଚ୍ ସୁଧାକରଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଖଣିଜ ଶିଳ୍ପ ଓ ପରିବହନ ମନ୍ତ୍ରୀ ବିଭୁତିଭୂଷଣ ଜେନା କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଛନ୍ତି। ମୁଖ୍ୟ ବକ୍ତା ଭାବେ ତାମିଲନାଡୁ ଥିରୁଭନମଲାଇ ସହରରେ ଥିବା ବେଦିକ ୟୁନିଭେରଶିଟିର ଉପକୁଳାଧିପତି ପ୍ରଫେସର ଡ଼.ହରିହର କାନୁନଗୋ, ସ୍ୱତନ୍ତ୍ର ଅତିଥି ଭାବେ ଛତ୍ରପୁର ବିଧାୟକ କୃଷ୍ଣଚନ୍ଦ୍ର ନାୟକ, ଶିକ୍ଷାବିତ ବିଜୟ ବିଶ୍ୱାଳ, ସମ୍ମାନିତ ଅତିଥି ଭାବେ ଗଞ୍ଜାମ ବ୍ଲକ୍ ଅଧ୍ୟକ୍ଷା ଶର୍ମିଷ୍ଠା ପ୍ରଧାନ, ଉପଜିଲାପାଳ ଡ଼.ଶିବାଶିଷ ବରାଳ, ଶିକ୍ଷାବିତ ଜବହାରଲାଲ ନାହାକ ମଞ୍ଚାସୀନ ଥିଲେ। ଅଧାପିକା ଜ୍ୟୋସ୍ନାରାଣୀ ପ୍ରଧାନ ଅତିଥି ପରିଚୟ ଦେଇଥିଲେ। କଲେଜର ବିକାଶରେ ଭୂମିକା ଲିଭାଇଥିବା ବ୍ୟକ୍ତିବିଶେଷଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ପରେ ମୁଖ୍ୟ ଅତିଥିଙ୍କ ଦ୍ୱାରା କଲେଜର ମାଗାଜିନ ପାଞ୍ଚଜନ୍ୟ ଓ ଅଧାପିକା ଜ୍ୟୋସ୍ନାକୁମାରୀ ପ୍ରଧାନଙ୍କ ତାଳପତ୍ର ତଳେ ପୁସ୍ତକ ଉନ୍ମୋଚନ କରାଯାଇଥିଲା। କାର୍ଯ୍ୟକ୍ରମକୁ ଅଧାପକ ଡ଼.ଜଗଦୀଶ ଚନ୍ଦ୍ର ପାଳ ପରିଚାଳନା କରିଥିଲେ। ଅଧାପକ ଗଜେନ୍ଦ୍ର ସେଠି ଧନ୍ୟବାଦ ଦେଇଥିଲେ।

## ବିଜେଡି ପ୍ରତିଷ୍ଠା ଦିବସ ପାଳିତ

ହିଞ୍ଜିଳିକାଟୁ/ଶେରଗଡ଼, ୨୬।୧୨(ଦ୍ୱିତୀକୃଷ୍ଣ ପଣ୍ଡା/ ସୂର୍ଯ୍ୟ ନାରାୟଣ ଦାଶ):

ହିଞ୍ଜିଳିକାଟୁ ପୌର ଓ ବ୍ଲକ ପକ୍ଷରୁ ଶୁକ୍ରବାର ବିଜୁ ଜନତା ଦଳ ପକ୍ଷରୁ ୨୯ ତମ ପ୍ରତିଷ୍ଠା ଦିବସ ପାଳିତ ହୋଇଛି। ପୌରାଞ୍ଚଳ ବିଜେଡି ସଭାପତି ହୃଦୟାନନ୍ଦ ମହାପାତ୍ର ଓ ବ୍ଲକ ସଭାପତି ଦୁର୍ଗାମାଧବ ମହାନ୍ତିଙ୍କ ତତ୍ତ୍ୱାବଧାନରେ ଦଳୀୟ ନେତା ଓ କର୍ମୀ ମିନି ଷ୍ଟାଡିୟମ ପରିସରରୁ ଏକ ଶୋଭାଯାତ୍ରାରେ ବାହାରି ନଗର ପରିକ୍ରମା କରିଥିଲେ। ବିଜୁପଟ୍ଟନାୟକ ଛକଠାରେ ବିଜୁବାବୁଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ ପରେ ଏକ ପଥପ୍ରାନ୍ତ ସଭା କରାଯାଇଥିଲା। ଭାଜପା ସରକାର ୧୮ ମାସ ବିତି ଯାଇଥିଲେ ମଧ୍ୟ ନିର୍ବାଚନ ପ୍ରତିଶ୍ରୁତି ପାଳନ କରି ନ ଥିବାରୁ ବିଜେଡି କର୍ମକର୍ତ୍ତାମାନେ ସମାଲୋଚନା କରିଥିଲେ। ଦେବାନନ୍ଦ ମହାପାତ୍ର, ପୌରାଧକ୍ଷ ସୁବାଷ ଚନ୍ଦ୍ର ପୋଲେଇ, ବରିଷ୍ଠ ବିଜେଡି ନେତା ସୁରେନ୍ଦ୍ରନାଥ ପ୍ରଧାନ, ଡି. ବିଶ୍ୱନାଥ, ଉପାଧ୍ୟକ୍ଷା ସୁନିଲ ଗନ୍ତାୟତ, ପୌରାଞ୍ଚଳବ ବିଧାୟକ ପ୍ରତିନିଧି ପ୍ୟାରୀମୋହନ ପାଢୀ, ଜିଲା ପରିଷଦ ସଭ୍ୟା ପ୍ରୀତି ସାହୁ, ଏ. ସୁଦର୍ଶନ, ସରପଞ୍ଚ, ସମିତି ସଭ୍ୟ, ଜିଲା ପରିଷଦ ସଭ୍ୟ, ୱାର୍ଡସଭ୍ୟ, ମହିଳା, ଯୁବ, ଛାତ୍ର ବିଜେଡି କର୍ମକର୍ତ୍ତା ଓ କର୍ମୀ ଉପସ୍ଥିତ ଥିଲେ। ଶେରଗଡ ବ୍ଲକ ବିଜେଡି ପକ୍ଷରୁ ଶୁକ୍ରବାର ପ୍ରତିଷ୍ଠା ଦିବସ ପାଳିତ ହୋଇଛି। ଏହି ଅବସରରେ ବ୍ଲକର ଶତାଧିକ ବିଜେଡି କର୍ମୀ ଓ ନେତା ଚାରିଛକସ୍ଥିତ ବିଜୁ ପଟ୍ଟନାୟକଙ୍କ ପ୍ରତିମୂର୍ତ୍ତିଠାରେ ଏକଜୁଟ ହୋଇ ପୁଷ୍ପମାଲ୍ୟ ଅର୍ପଣ କୀଥିଲେ। ପରେ ଅନୁଷ୍ଠିତ ସଭାରେ ବ୍ଲକ ବିଜେଡି ସଭାପତି ଶରତ ଚନ୍ଦ୍ର ପାତ୍ର ଅଧ୍ୟକ୍ଷତା କରିଥିଲେ। ଉପସ୍ଥିତ କର୍ମକର୍ତ୍ତାମାନେ ବିଜୁ ବାବୁଙ୍କ ଗାଥା ଓ ତାଙ୍କର ଓଡ଼ିଶା ପାଇଁ ଅବଦାନ ଉପରେ ଆଲୋକପାତ କରିଥିଲେ। କାର୍ଯ୍ୟକ୍ରମରେ ବିଧାୟକ ପ୍ରତିନିଧି ଦିଗାମ୍ବର ନାହାକ, ବ୍ଲକ ଅଧକ୍ଷ କୃଷ୍ଣଚନ୍ଦ୍ର ନାୟକ, ହୃଷିକେଶ ପାଢ଼ୀ, ଦୁର୍ଗା ପ୍ରସାଦ ବିଷୋୟୀ, ହୀନ ବେହେରା, ମେଘନାଦ ଦାସ, ବରୁଣ ପଲେଇ, କାହ୍ନୁଚରଣ ପଟ୍ଟନାୟକଙ୍କ ସମେତ ବହୁ ସରପଞ୍ଚ ସମିତି ସଭ୍ୟ ଉପସ୍ଥିତ ଥିଲେ।

# ଗଞ୍ଜାମରେ ଅଧିକ ଆଇଏଏସ୍, ଓଏଏସ୍ ସୃଷ୍ଟି ପାଇଁ 'ଲକ୍ଷ୍ୟ ନିକେତନ'

## ପ୍ରଥମ ପର୍ଯ୍ୟାୟରେ ବ୍ରହ୍ମପୁର, ଭଞ୍ଜନଗର ଓ ଛତ୍ରପୁରରେ ହେବ ପ୍ରଶିକ୍ଷଣ କେନ୍ଦ୍ର

ଛତ୍ରପୁର, ୨୬।୧୨(ଦିଲୀପ ସାମଲ)

ଦେଶକୁ ଓ ରାଜ୍ୟକୁ ସୁଶାସନ ପ୍ରଦାନ କରିବା ପାଇଁ ଆବଶ୍ୟକ। ଉନ୍ନତ ପ୍ରଶାସନିକ ଅଧିକାରୀ ୟୁପିଏସସି ଓ ଓପିଏସସି ଜରିଆରେ ପ୍ରତି ବର୍ଷ ବାହାରି ଥାଆନ୍ତି। ଏ କ୍ଷେତ୍ରରେ ଗଞ୍ଜାମ ଜିଲାର ସଫଳତା ହାରକୁ ବଢ଼ାଇବା ପାଇଁ ଗଞ୍ଜାମ ଜିଲା ପ୍ରଶାସନ ଜିଲାର ପ୍ରତିଭାବାନ ଯୁବ ଆଶାୟୀ ପ୍ରଶିକ୍ଷାର୍ଥୀଙ୍କୁ ଚିହ୍ନଟ କରି ସେମାନଙ୍କୁ ମାଗଣା ପ୍ରଶିକ୍ଷଣ ଓ ମାର୍ଗଦର୍ଶନ ପାଇଁ 'ଲକ୍ଷ୍ୟ ନିକେତନ' ନାମକ ଯୋଜନା ପ୍ରସ୍ତୁତ କରିଛି। ଏହା ଜିଲାରେ ୟୁପିଏସସି ଓ ଓପିଏସସି ଛାତ୍ରୀଛାତ୍ରଙ୍କ ପାଇଁ ବେଶ ସୁବିଧା ହୋଇପାରିବ ବୋଲି ଜିଲାପାଳ ଭି. କାର୍ତ୍ତି ଭାସନ ଏକ ଖବରଦାତା ସମ୍ମିଳନୀରେ କହିଛନ୍ତି। ଏହା ମାଧ୍ୟମରେ ୟୁପିଏସସି ଓ ଓପିଏସସି ଛାତ୍ରୀଛାତ୍ରଙ୍କ ପରୀକ୍ଷା ପାଇଁ ଗାଇଡ୍ ମୋ ପ୍ରସ୍ତୁତ କରାଯିବ। ଆଶାୟୀ ପ୍ରାର୍ଥୀ https:// lakhya.ganjam୩୬୦.com ମାଧ୍ୟମରେ ଅନ୍‌ଲାଇନରେ ଆବେଦନ କରିବେ। ପରୀକ୍ଷା ଜରିଆରେ ସେମାନଙ୍କୁ ବଛାଯିବ। ପ୍ରଥମ ପର୍ଯ୍ୟାୟରେ ଏହି ପରୀକ୍ଷାର ଇଣ୍ଟିଗ୍ରେଟ୍ ପ୍ରିପେରୋଟୋରି ପ୍ରସ୍ତୁତ ହେବ । ଏଥିପାଇଁ ବହୁ ବଡ଼ ବଡ଼ ଶିକ୍ଷାନୁଷ୍ଠାନ ସହିତ ଚୁକ୍ତି କରାଯାଇଛି । ପ୍ରଥମ ପର୍ଯ୍ୟାୟରେ ଜିଲାର ୩ଟି ଉପଖଣ୍ଡ ବ୍ରହ୍ମପୁର, ଭଞ୍ଜନଗର ଓ ଛତ୍ରପୁରରେ ଆରମ୍ଭ କରାଯିବାକୁ ସ୍ଥିର ହୋଇଥିବା ବେଳେ ଆଗାମୀ ଦିନରେ ଅନ୍ୟାନ୍ୟ ସ୍ଥାନରେ କରାଯିବ । ଏଥିରେ ଛାତ୍ରୀଛାତ୍ରଙ୍କ ପାଇଁ ଲାଇଭ ଇଂଟ୍ରାକ୍ସନ ସୁବିଧା ସହ ଇ-ଲାଇବ୍ରେରୀ, ଭରଚୁଆଲ କ୍ଲାସରୁମ, ଉତ୍ତମ ଓ ଅଭିଜ୍ଞ ଶିକ୍ଷକଙ୍କ ଦ୍ୱାରା ଶିକ୍ଷାଦାନ ବ୍ୟବସ୍ଥା ହେବ। ପ୍ରତି ବର୍ଷ ୧୫୦ ଜଣଙ୍କୁ ଶିକ୍ଷାଦାନ କରାଯିବ । ଏଥିପାଇଁ ଜାନୁଆରୀ ୨୫ ତାରିଖରେ ପ୍ରବେଶିକା ପରୀକ୍ଷା କରାଯିବ ବୋଲି ଜିଲାପାଳ ସୂଚନା ଦେଇଛନ୍ତି। ଏହି ପ୍ରବେଶିକା ପରୀକ୍ଷାରେ ଭାଗ ନେବା ପାଇଁ ଛାତ୍ରୀ ଛାତ୍ରୀମାନେ https://lakhshya.ganjam୩୬୦. com ଜରିଆରେ ଆସନ୍ତା ଜାନୁଆରୀ ୧୯ ତାରିଖ ମଧ୍ୟରେ ଆବେଦନ କରିପାରିବେ। ଏଥିପାଇଁ ଛତ୍ରପୁର, ବ୍ରହ୍ମପୁର ଓ ଭଞ୍ଜନଗରଠାରେ ୩ଟି ଶିକ୍ଷା କେନ୍ଦ୍ରରେ ଟ୍ରେନିଂ ପ୍ରଦାନ କରାଯିବାକୁ ବ୍ୟବସ୍ଥା ହୋଇଛି। ପ୍ରତ୍ୟେକ କେନ୍ଦ୍ରରେ ଜଣେ ପରିଚାଳକ ରହିବେ। ଏ ଦିଗରେ ଜିଲାର ସମସ୍ତ ଆଇଏଏସ ଓ ଓଏଏସ୍ ଏବଂ ଓଆର୍‌ଏସ୍ ଅଧିକାରୀମାନଙ୍କ ସହାୟତା ମଧ୍ୟ ନିଆଯିବ। ଏହି ଖବରଦାତା ସମ୍ମିଳନୀରେ ଅତିରିକ୍ତ ଜିଲାପାଳ ଦେବବ୍ରତ ପଣ୍ଡା, ବ୍ରହ୍ମପୁର ବିଏମସି କମିଶନର ପ୍ରସନ୍ନେଶ ଅରବିନ୍ଦ ରାଜ ସିର୍କେ, ଜିଲା ପରିଷଦର ଭାରପ୍ରାପ୍ତ ସିଡିଓ ବିଜୟ ବେହେରା,ଜିଲା ପର୍ଯ୍ୟଟନ ଅଧିକାରୀ ପାର୍ଥ ସାରଥୀ ହାଁସଦା, ଜିଲା ସଂସ୍କୃତି ଅଧିକାରୀ ଅଦିତି ଆଚାର୍ଯ୍ୟ ଉପସ୍ଥିତ ଥିଲେ ।

## ବିଲରେ ଜଳିଗଲା ୧୦ କୁଇଣ୍ଟାଲ ଧାନ



ପାତ୍ରପୁର,୨୬।୧୨ (ଉମା ଚରଣ ନେପାକ):

ପାତ୍ରପୁର ବ୍ଲକ ବରଙ୍ଗ ଗ୍ରାମର ବାସୀନ୍ଦା ନିଳାୟାଙ୍କ ବିଲରେ ଥିବା ୧୦ କୁଇଣ୍ଟାଲରୁ ଊର୍ଦ୍ଧ୍ୱ ଧାନ ନିଆଁ ଲାଗି ଜଳିଯାଇଥିବା ସ୍ଥାନୀୟ ସରପଞ୍ଚ ଭି. ଦେବୀ ପ୍ରସାଦ ସୂଚନା ଦେଇଛନ୍ତି। ନିଳାୟା ନିଜ ଧାନ ଫସଲ ମେଶିନ ଦ୍ୱାରା ଅମଳ କରି ବିଲରେ ଶୁଖାଇଥିଲେ। ଶୁକ୍ରବାର ଅପରାହ୍ନରେ ପାଖ ଜମିରେ ମାଲିକଙ୍କ ପକ୍ଷରୁ ପାଳରେ ନିଆଁ ଲଗାଯାଇଥିଲା। ସେହି ନିଆଁ ବ୍ୟାପି ଯାଇ ନିଳାୟାଙ୍କ ଖଳାରେ ଥିବା ଧାନରେ ଲାଗିଯାଇଥିଲା। ଆଖପାଖରେ ଥିବା ଚାଷୀ ଦେଖି ସେଠାରେ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ପାତ୍ରପୁର ଅଗ୍ନିଶମ କର୍ମଚାରୀ ପହଞ୍ଚି ନିଆଁକୁ ସମ୍ପୂର୍ଣ୍ଣ ଆୟତ୍ତ କରିଥିଲେ। ନିଳାୟା ଗରିବ ଶ୍ରେଣୀର। ସେ ଅନ୍ୟ ଜଣଙ୍କ ବିଲକୁ ଭାଗରେ ଚାଷ କରି ଧାନ ଅମଳ କରିଥିଲେ । ତେଣୁ ତାଙ୍କୁ ସରକାରୀ ସହାୟତା ଯୋଗାଇ ଦେବା ପାଇଁ ବରଙ୍ଗ ସରପଞ୍ଚ ଓ ଗ୍ରାମବାସୀ ଦାବି କରିଛନ୍ତି।

# ରଷିକୁଲ୍ୟା ମୁହାଣରେ ୨ ଅଲିଭ ରିଡଲେଙ୍କ ଜିପିଏସ ଟ୍ୟାଗିଂ

ଗଞ୍ଜାମ,୨୬।୧୨
(ଅନାଥ ତରାଇ/ବିଦ୍ୟାଧର ସାହୁ)

ଗଞ୍ଜାମ ଜିଲାର ରଷିକୁଲ୍ୟା ନଦୀ ମୁହାଣର ବେଳାଭୂମିରେ ଏକ ଉଲେଖନୀୟ ପଦକ୍ଷେପ ନିଆଯାଇଛି। ଏଠାରେ ୨ଟି ଅଲିଭ ରିଡଲେ କଇଁଛଙ୍କୁ ଜିପିଏସ ଟ୍ୟାଗିଂ କରାଯାଇଛି, ଯାହା ଦ୍ୱାରା ସାଟେଲାଇଟ୍ ମାଧ୍ୟମରେ ସେମାନଙ୍କର ଗତିବିଧି ଉପରେ ନଜର ରଖାଯାଇପାରିବ। ଏହି ଟ୍ୟାଗିଂ ଫଳରେ କଇଁଛମାନେ କେଉଁଠାରୁ ଓଡ଼ିଶା ଉପକୂଳକୁ ଆସୁଛନ୍ତି ତାହା ସ୍ପଷ୍ଟ ହେବ ଏବଂ ସେମାନଙ୍କର ସମୁଦ୍ର ସ୍ଥାନାନ୍ତରଣ ପଥ ଓ ଆଚରଣକୁ ଅଧ୍ୟୟନ କରାଯାଇପାରିବ। ଏହି ୨ଟି କଇଁଛ ମଧ୍ୟରୁ ଗୋଟିଏ ମେଲ୍ (ପୁରୁଷ) ଏବଂ ଅନ୍ୟଟି ଫିମେଲ୍ (ମହିଳା)। ଟ୍ୟାଗିଂ ପରେ ସେମାନଙ୍କୁ ସମୁଦ୍ରରେ ଛଡ଼ାଯାଇଛି। ଏହି କାର୍ଯ୍ୟକ୍ରମରେ ବ୍ୟବହୃତ ଟ୍ରାନ୍ସମିଟର୍ ନ୍ୟୁଜିଲ୍ୟାଣ୍ଡରୁ ଅଣାଯାଇଥିବା ସୂଚନା ମିଳିଛି। ଏହି ଅଭିଯାନରେ ଚିଫ୍ ପ୍ରିନ୍ସିପାଲ୍ କନଜର୍ଭେଟର୍ ପ୍ରେମ କୁମାର ଝା, ଆଞ୍ଚଳିକ ଚିଫ୍ ପ୍ରିନ୍ସିପାଲ୍ କନଜର୍ଭେଟର୍ ବିଶ୍ୱନାଥନ୍, ବ୍ରହ୍ମପୁର ଡିଏଫଓ ସନ୍ନି ଖୋକର୍, ଚିଲିକା ଡିଏଫଓ ଅମ୍ଲାନ୍ ନାୟକ ଏବଂ ଖଲିକୋଟ୍ ରେଞ୍ଜର୍ ଦିବ୍ୟ ବେହେରା ପ୍ରମୁଖ ଉପସ୍ଥିତ ଥିଲେ। ଏହା ସହ ବନ ବିଭାଗର ଅନ୍ୟାନ୍ୟ ଅଧିକାରୀମାନେ ମଧ୍ୟ ଯୋଗ ଦେଇଥିଲେ। ଏହି ଟ୍ୟାଗିଂ କାର୍ଯ୍ୟକୁ ଡେରାଡୁନ୍ ସ୍ଥିତ ୱାଇଲ୍ଡଲାଇଫ୍ ଇନଷ୍ଟିଚ୍ୟୁଟ୍ ଅଫ୍ ଇଣ୍ଡିଆର ତିନିଜଣିଆ ବିଶେଷଜ୍ଞ ଦଳ ପରିଚାଳନା କରିଛନ୍ତି। ପୂର୍ବରୁ ଗହୀରମଥା ଉପକୂଳରେ କିଛି କଇଁଛଙ୍କୁ ଟ୍ୟାଗିଂ କରାଯାଇଥିଲା। ବ୍ରହ୍ମପୁର ଡିଏଫଓ ସନ୍ନି ଖୋକର୍ କହିଛନ୍ତି ଯେ, ଏହି ସାଟେଲାଇଟ୍ ଟ୍ୟାଗିଂର ମୁଖ୍ୟ ଉଦ୍ଦେଶ୍ୟ ହେଉଛି ଅଲିଭ ରିଡଲେ କଇଁଛମାନଙ୍କର ସମୁଦ୍ର ମଧ୍ୟରେ ସ୍ଥାନାନ୍ତରଣ ପଥ ଏବଂ ଆଚରଣକୁ ଗଭୀରଭାବେ ଅଧ୍ୟୟନ କରିବା। ଏହା ଦ୍ୱାରା ସେମାନଙ୍କର ସଂରକ୍ଷଣ ପାଇଁ ନୂଆ ଉପାୟ ଖୋଜିବାରେ ସହାୟକ ହେବ।



ଅଲିଭ ରିଡଲେ କଇଁଛଙ୍କୁ ଜିପିଏସ ଟ୍ୟାଗିଂ କରାଯାଇଛି।

## ଖଳାରେ ଜଳିଗଲା ୭ ପରିବାରର ଧାନ

ମୋହନା,୨୬।୧୨(ମନ୍ମଥ ମିଶ୍ର)

ଗଜପତି ଜିଲା ମୋହନା ଥାନା ଅନ୍ତର୍ଗତ ଯୁବ ପଞ୍ଚାୟତର ଭାଲିଆଗଣ୍ଡା ଗାଁ ନିକଟରେ ହୋଇଥିବା ଧାନଖଳାରେ ଅଗ୍ନିକାଣ୍ଡ ଘଟି ଲକ୍ଷାଧିକ ଟଙ୍କାର ଧାନ ଫସଲ ନଷ୍ଟ ହୋଇଛି। ଶୁକ୍ରବାର ଭୋର ସମୟରେ କୌଣସି କାରଣରୁ ଧାନ ଖଳାରେ ନିଆଁ ଲାଗି ଯାଇଥିଲା। ଗାଁର ଫାଉଷ୍ଟିନ ରଇତ, ଜୋସେଫ ରଇତ, ପ୍ରକାଶ ମାଝୀ, ପ୍ରାଞ୍ଚିସ ମାଝୀ, ଶୁକ୍ରୁ ରଇତ, ସୁଶାନ୍ତ ମାଝୀ ଓ ମାର୍ଶାଲ ରଇତ ଆଦି ୭ଟି ପରିବାରର ଲୋକେ ଅମଳ ପରେ ଗୋଟିଏ ଖଳାରେ ବିଭିନ୍ନ ସ୍ଥାନରେ ଧାନ ଗଦା କରି ରଖିଥିଲେ। ହେଲେ ଧାନ ଗଦାରେ କିପରି ନିଆଁ ଲାଗିଲା ନା କିଏ ଜାଣି ଶୁଣି ରାତି ଅଧରେ ନିଆଁ ଲଗାଇ ଦେଇଛି ତାହା ଏବେ ସନ୍ଦେହ ଘେରରେ। ଖବର ପାଇ ମୋହନା ଅଗ୍ନିଶମ ଭାରପ୍ରାପ୍ତ ଅଧିକାରୀ ପଙ୍କଜ ମହାନ୍ତି ଓ କର୍ମଚାରୀ ଘଟଣା ସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ।

## ୨ ଜଣଙ୍କ ସୁନାଗହଣା ନେଇଗଲେ ନକଲି ପୋଲିସ

ବ୍ରହ୍ମପୁର,୨୬।୧୨(ସୁବାସ ଚନ୍ଦ୍ର ପାଢ଼ୀ):

ବ୍ରହ୍ମପୁର ସହରରେ ନକଲି ପୋଲିସ ପୃଥକ ସ୍ଥାନରୁ ୨ ଜଣଙ୍କ ସୁନା ଗହଣା ନେଇଯାଇଛନ୍ତି। ଏ ନେଇ ବୈଦ୍ୟନାଥପୁର ଓ ବ୍ରହ୍ମପୁର ଟାଉନ ଥାନାରେ ଅଭିଯୋଗ ହୋଇଛି। ପୋଲିସ ଘଟଣାର ତଦନ୍ତ ଜାରି ରଖିଛି।

ଗାନ୍ଧୀନଗର ଦ୍ୱିତୀୟ ଲାଇନର ଅବସରପ୍ରାପ୍ତ ପ୍ରଫେସର ପ୍ରଦୀପ କୁମାର ମହାପାତ୍ର ପ୍ରାତଃଭ୍ରମଣରେ ଯାଇ ଫେରିବା ସମୟରେ ୨ ଯୁବକ ପୋଲିସ ପୋଷାକ ପିନ୍ଧି ତାଙ୍କ ପାଖକୁ ଆସିଥିଲେ। ସେମାନେ ତାଙ୍କୁ ବର୍ତ୍ତମାନ ଅଧିକ ସୁନା ଲୁଟ ହେଉଛି, ସତର୍କ ରହିବାକୁ କହି ପିନ୍ଧିଥିବା ସୁନାଜିନିଷକୁ ବାହାର କରି ପକେଟରେ ରଖିବାକୁ କହିଲେ। ପ୍ରଫେସର ମହାପାତ୍ର ୩୬ ଗ୍ରାମର ସୁନା ଚେନ ଓ ମୁଦି ବାହାର କରି ପକେଟରେ ରଖିବା ସମୟରେ ୨ ନକଲି ପୋଲିସ ତାଙ୍କୁ ତାହା ଆମକୁ ଦିଅନ୍ତୁ, ଲଫାପାରେ ରଖି ଦେବୁ ବୋଲି ସୁନା ନେଇଆସିଥିଲେ। ସେମାନେ ଲଫାପାରେ ଗୋଡି ପୁରାଇ କୌଶଳକ୍ରମେ ମହାପାତ୍ରଙ୍କୁ ଦେଇ ସୁନା ନେଇ ପଳାଇଥିଲେ। ଏ ନେଇ ପ୍ରଫେସର ଟାଉନ ଥାନାରେ ଅଭିଯୋଗ କରିଛନ୍ତି। ସେହିପରି ଲାଞ୍ଜିପଲ୍ଲୀର ଜୟ ଚନ୍ଦ୍ର ଦଳେଇ ସକାଳେ ଘର ପାଇଁ ପରିବା ଆଣିବାକୁ ଯାଉଥିଲେ। ଏହି ସମୟରେ ଭିଜିଲାନ୍ସ ଅଫିସ ଆଗରେ ୨ଯୁବକ ବାଇକରେ ଆସି ପୋଲିସ ପରିଚୟ ଦେଇ ଗାଡ଼ି ଡିକି ଯାଞ୍ଚ କରିଥିଲେ। ଏତେ ସୁନା କାହିଁକି ପିନ୍ଧିଛ ବୋଲି ତାଙ୍କୁ କହିଥିଲେ। ଏହାପରେ ବ୍ୟାଗ ଓ ଅନ୍ୟାନ୍ୟ ଜିନିଷ ଯାଞ୍ଚ କରିବା ସହ ଜୟଙ୍କୁ ସୁନା ମୁଦି ବାହାର କରି ସ୍କୁଟର ଡିକିରେ ରଖିବାକୁ କହିଥିଲେ। ପୋଲିସ ଭାବି ଜୟ ୨ଟି ସୁନା ମୁଦି କାଢ଼ି ସେମାନଙ୍କୁ ଦେଇଥିଲେ। ଜୟଙ୍କ ସ୍କୁଟର ଡିକିରେ ରଖିଲା ଭଳି ବାହାନା କରି ନକଲି ପୋଲିସ ସୁନା ଧରି ଚମ୍ପଟ ମାରିଥିଲେ। ଡ଼ିକି ଭିତରେ ସୁନା ମୁଦି ନ ଥିବା ଦେଖି ଜୟ ବୈଦନାଥପୁର ଥାନାକୁ ଯାଇ ଅଭିଯୋଗ କରିଥିଲେ।

# ସଭା, ଶୋଭାଯାତ୍ରାରେ ବିଜେଡି ପାଳିଲା ପ୍ରତିଷ୍ଠା ଦିବସ

ପାରଳାଖେମୁଣ୍ଡି,୨୬।୧୨(ଗିରିଧାରୀ ପରିଚ୍ଛା)

ଗଜପତି ଜିଲା ବିଜୁ ଜନତା ଦଳ ପକ୍ଷରୁ ଏହାର ୨୯ ତମ ପ୍ରତିଷ୍ଠା ଦିବସ ଶୁକ୍ରବାର ପାଳିତ ହୋଇଛି। ଜିଲାର ଶତାଧିକ କର୍ମକର୍ତ୍ତା ଓ କର୍ମୀ ଏଥିରେ ସାମିଲ ହୋଇଥିଲେ। ସମସ୍ତେ କଲେଜ ଛକସ୍ଥିତ ବିଜୁ ପଟ୍ଟନାୟକଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ। ଜିଲା ସଭାପତି ପ୍ରଦୀପ କୁମାର ନାୟକ ଓ ପାରଳାଖେମୁଣ୍ଡି ବିଧାୟକ ଇଂ. ରୁପେଶ କୁମାର ପାଣିଗ୍ରାହୀଙ୍କ ନେତୃତ୍ୱରେ ନେତା ଓ କର୍ମୀଙ୍କ ଏକ ଶୋଭାଯାତ୍ରା ସହର ପରିକ୍ରମା କରି ବିଜେଡି ଜିଲା କାର୍ଯ୍ୟାଳୟଠାରେ ଆୟୋଜିତ ସଭାସ୍ଥଳରେ ପହଞ୍ଚିଥିଲା । ପ୍ରବାଦ ପୁରୁଷ ବିଜୁ ବାବୁଙ୍କ ବିକଶିତ ଓଡିଶାର ସ୍ୱପ୍ନକୁ ସାକାର କରିବାରେ ନବୀନଙ୍କ ଭୂମିକା ଖୁବ ଗୁରୁତ୍ୱପୂର୍ଣ୍ଣ ରହିଛି। ୨୪ ବର୍ଷର ଶାଶନ କାଳରେ ନବୀନ ପଟ୍ଟନାୟକ ରାଜ୍ୟର ବିକାଶ ଧାରାକୁ ଆଗେଇ ନେଇଛନ୍ତି। ବିଜୁ ଜନତା ଦଳ ପ୍ରଥମେ ଶାସନ କରିବା ସମୟରେ ଓଡିଶାର ସ୍ଥିତି ଶୋଚନୀୟଥିଲା । ଏହାକୁ ସୁଧାରିଥିଲେ ତତ୍କାଳୀନ ବିଜେଡି ସରକାର। ତେବେ ଗତ ୧୮ ମାସରେ ଡବଲ ଇଞ୍ଜିନ ଭାଜପା ସରକାର ବିକାଶର ପଥକୁ ରୋକି ଦେଇଛନ୍ତି। ବ୍ୟକ୍ତିଗତ ସ୍ୱାର୍ଥକୁ ଭୁଲି ଦଳ ପାଇଁ କାମ କରିବାକୁ ଏବଂ ଆଗାମୀ ପଞ୍ଚାୟତ ନିର୍ବାଚନରେ ସମସ୍ତେ ଏକାଠି ହୋଇ ଦଳକୁ ସଫଳତା ଆଣି ଦେବାକୁ ଉପସ୍ଥିତ ନେତା, କର୍ମକର୍ତ୍ତାମାନେ ପରାମର୍ଶ ଦେଇଥିଲେ। ଏଥିରେ ଜିଲା ପରିଷଦ ଅଧ୍ୟକ୍ଷ ଜି. ତିରୁପତି ରାଓ, ପୌର ପରିଷଦ ଅଧ୍ୟକ୍ଷା ନିର୍ମଳା ସେଠୀ, ଗୋଷାଣି ବ୍ଲକ ଅଧ୍ୟକ୍ଷ ଏନ. ବୀରରାଜୁ, କାଶୀନଗର ବ୍ଲକ ଅଧ୍ୟକ୍ଷା ବାଲା ସାୟାମ୍ମା, ଯୁବ ବିଜେଡି ସଭାପତି ଏସ. ଲିଙ୍ଗରାଜୁ, ଜିଲା ପରିଷଦ ସଭ୍ୟ ଏସ.ବାଲାରାଜୁଙ୍କ ସମେତ ଜିଲାର ୭ଟିଯାକ ବ୍ଲକର ନେତା ଓ କର୍ମୀ ଉପସ୍ଥିତ ଥିଲେ।




ପ୍ରତିଷ୍ଠା ଦିବସରେ ବିଜେଡି ପକ୍ଷରୁ ବାହାରିଥିବା ଶୋଭାଯାତ୍ରା।

## ଭାଜପାର ମିଶ୍ରଣ ପର୍ବ

କ.ନୂଆଗାଁ,୨୬।୧୨ (କାଳୀପ୍ରସାଦ ତ୍ରୀପାଠି)

କ.ନୂଆଗାଁ ମଣ୍ଡଳ ଭାଜପା ପକ୍ଷରୁ ଶୁକ୍ରବାର ସିଁଓଗୁଡା ଘାଇପଦରଠାରେ ବୀରବାଲ ଦିବସ ପାଳନ ଅବସରରେ ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଛି। ଏଥିରେ ବିଜେଡି ଓ କଂଗ୍ରେସ ଛାଡ଼ି ଭାଜପାରେ ସିଁଓଗୁଡା ପଞ୍ଚାୟତ ସରପଞ୍ଚ ଭାଗ୍ୟବତୀ ମଲ୍ଲିକ, ସନାତନ ଗୌଡ଼, ସନକ ବେହେରା, ବୁଲେଶ୍ୱର ବେହେରା, ଲିଙ୍ଗରାଜ ବେହେର୍ଦ୍ଧଲାଇ, କୃତ୍ତିବାସ ବେହେର୍ଦ୍ଧଲାଇ, ଶ୍ୟାମସୁନ୍ଦର ବେହେର୍ଦ୍ଧଲାଇ, ଆଦିକନ୍ଦ ଗୌଡ଼ ଓ ଛବି ମଲ୍ଲିକଙ୍କ ସହ ଶତାଧିକ କର୍ମୀ ସାମିଲ ହୋଇଥିଲେ। ମଣ୍ଡଳ ସଭାପତି ସେମାନଙ୍କୁ ଉତ୍ତରୀୟ ଦେଇ ଭାଜପା ପ୍ରାଥମିକ ସଦସ୍ୟ ଭାବେ ଗ୍ରହଣ କରିଥିଲେ। ଜିଲା ଭାଜପା ସଭାପତି ପଣ୍ଡିତ କୁମାର ବିଶିମାଝି, ଜିଲା ସାଧାରଣ ସମ୍ପାଦକ ଦେବେନ୍ଦ୍ର କୁଦେଇ ଓ ସଂଜିତ ମଣ୍ଡଳ, ଜିଲା ସମ୍ପାଦକ ଆଦିକନ୍ଦ ପଟ୍ଟନାୟକ, ବାଲିଗୁଡ଼ା ପୂର୍ବତନ ନଗର ସଭାପତି ଦିବାକର ସାହୁ, ମଣ୍ଡଳ ସଭାପତି ନିଗମାନନ୍ଦ ପୂଜାରୀ, ମଣ୍ଡଳ ସାଧାରଣ ସମ୍ପାଦକ ଫିଲିପ ମଲ୍ଲିକ, ମୋତିଲାଲ ଦିଗାଲ,ଏସସି ମୋର୍ଚ୍ଚା ସଭାପତି ଉଦ୍ଧବ ଦିଗାଲ, ଓବିସି ମୋର୍ଚ୍ଚା ସଭାପତି ପ୍ରଶାନ୍ତ ପ୍ରଧାନ, ସରପଞ୍ଚ ଶ୍ରୀଚନ୍ଦ୍ର ମଲ୍ଲିକ, କୁନାଲ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ।

## ଭଞ୍ଜନଗର, ଜଗନ୍ନାଥପ୍ରସାଦ କୋର୍ଟରେ ୧୪ ସରକାରୀ ଓକିଲ ନିଯୁକ୍ତ

ଭଞ୍ଜନଗର,୨୬।୧୨(ବାବୁଲା ପ୍ରଧାନ)

ଗଞ୍ଜାମ ଜିଲାରେ ନୂଆ ସରକାରୀ ଓକିଲ ନିଯୁକ୍ତି ତାଲିକାକୁ ଆଇନ ବିଭାଗ ପକ୍ଷରୁ ଅନୁମୋଦନ ମିଳିଛି। ଭଞ୍ଜନଗର ଓ ଜଗନ୍ନାଥପ୍ରସାଦର ବିଭିନ୍ନ କୋର୍ଟରେ ୧୪ ଜଣ ଆଇନଜୀବୀ ସରକାରୀ ଓକିଲ ଭାବେ ନିଯୁକ୍ତି ପାଇଛନ୍ତି। ଭଞ୍ଜନଗର ଉପ ଜିଲାପାଳ କାର୍ଯ୍ୟାଳୟରେ ସହକାରୀ ପିପି ଭାବେ ବରିଷ୍ଠ ଆଇନଜୀବୀ ବିଜୟ କୁମାର ଗୌଡ ନିଯୁକ୍ତି ପାଇଛନ୍ତି। ସେହିଭଳି ଭଞ୍ଜନଗର ତହସିଲ କାର୍ଯ୍ୟାଳୟରେ ଆସିଷ୍ଟାଣ୍ଟ ପିପି ଭାବେ ସୁଧୀର କୁମାର ଦାସ ନିଯୁକ୍ତି ପାଇଛନ୍ତି। ଭଞ୍ଜନଗର ଏଡିଜେ କୋର୍ଟରେ ସ୍ପେଶାଲ ପିପି ଭାବେ ଜ୍ଞାନେନ୍ଦ୍ର କୁମାର ନାୟକ, ହରେକୃଷ୍ଣ ମହାପାତ୍ର ଓ ଆସୋସିଏଟ ଭାବେ ବସନ୍ତ ଦାସ, ସିଭିଲ ଜଜ ସିନିୟର୍ ଡିଭିଜନ କୋର୍ଟରେ ଏଜିପି ଭାବେ ପ୍ରଭାକର ପାତ୍ର, ଏସଡିଜେଏମ କୋର୍ଟରେ ଆସିଷ୍ଟାଣ୍ଟ ପିପି ଭାବେ ଅରୁଣ ପ୍ରଧାନ ଓ ଗିରିଜା ଶଙ୍କର ଭୂୟାଁ ଏବଂ ଜେଏମଏଫସି କୋର୍ଟରେ ଆସିଷ୍ଟାଣ୍ଟ ପିପି ଭାବେ ମନୋଜ ପଟ୍ଟନାୟକ (ଏ) ଓ ଧବଳେଶର ମାଝୀ ନିଯୁକ୍ତି ପାଇଛନ୍ତି।

ସେହିଭଳି ଜଗନ୍ନାଥପ୍ରସାଦ ତହସିଲରେ ଆସିଷ୍ଟାଣ୍ଡ ପିପି ଭାବେ ବିଜୟ ରଞ୍ଜନ ବେହେରା, ଜେଏମଏଫସି କୋର୍ଟରେ ଏଜିପି ଭାବେ ରଜତ ଦାସ ନିଯୁକ୍ତି ପାଇଥିବା ବେଳେ ଆସିଷ୍ଟାଣ୍ଟ ପିପି ଭାବେ ଜନାର୍ଦ୍ଦନ ପ୍ରଧାନ ଓ ଅରୁଣ ବେହେରା ନିଯୁକ୍ତି ପାଇଛନ୍ତି। ସୂଚନାଯୋଗ୍ୟ, ଭଞ୍ଜନଗର ଏସଡିଜେଏମ କୋର୍ଟରେ ଆସିଷ୍ଟାଣ୍ଟ ପିପି ଭାବେ ନିଯୁକ୍ତି ପାଇଥିବା ଅରୁଣ ପ୍ରଧାନ ଗତ ରବିବାର କାର ଦୁର୍ଘଟଣାରେ ମୃତ୍ୟୁବରଣ କରିଛନ୍ତି। ତାଙ୍କ ସ୍ଥାନରେ ଆଗାମୀ ଦିନରେ ଆଉ ଜଣେ ନୂଆ ଆଇନଜୀବୀଙ୍କୁ ନିଯୁକ୍ତି ପାଇବା ସମ୍ଭାବନା ରହିଛି। ନବ ନିଯୁକ୍ତ ସରକାରୀ ଓକିଲମାନଙ୍କୁ ବିଧାୟକ ପ୍ରଦ୍ୟୁମ୍ନ କୁମାର ନାୟକ ଶୁଭେଚ୍ଛା ଜଣାଇଛନ୍ତି।

# କବିସୂର୍ଯ୍ୟନଗର ନିର୍ବାଚନ ମଣ୍ଡଳୀରେ ପାଳନ ହେଲାନି ବିଜେଡି ପ୍ରତିଷ୍ଠା ଦିବସ

କବିସୂର୍ଯ୍ୟନଗର,୨୬।୧୨(କୃପାସିନ୍ଧୁ ସ୍ୱାଇଁ)

ବିଜୁ ଜନତା ଦଳ ପ୍ରତିଷ୍ଠା ଦିବସରେ ଗଞ୍ଜାମ ଜିଲା କବିସୂର୍ଯ୍ୟନଗର ନିର୍ବାଚନ ମଣ୍ଡଳୀରେ ବିଜେଡି ପ୍ରତିଷ୍ଠା ଦିବସ ପାଳନ ହୋଇ ନ ଥିବା ଜଣାପଡିଛି। ଦଳୀୟ କନ୍ଦଳ ଯୋଗୁ ଏହି ନିର୍ବାଚନ ମଣ୍ଡଳୀରେ ଏପରି ଦେଖିବାକୁ ମିଳିଛି। ରାଜ୍ୟର ବିଭିନ୍ନ ନିର୍ବାଚନ ମଣ୍ଡଳୀରେ ଶୁକ୍ରବାର ଦଳର ପ୍ରତିଷ୍ଠା ଦିବସ ପାଳନ ହେଉଥିବା ବେଳେ କବିସୂର୍ଯ୍ୟନଗରରେ ବ୍ୟତିକ୍ରମ ଘଟିଛି। ଏଠାରେ ଦଳୀୟ କର୍ମୀ ଯିଏ ଯାହା ବାଟରେ ରହିଥିବା ବେଳେ ନେତୃତ୍ୱ ନେଉଥିବା ନେତାଙ୍କ ଦେଖା ମିଳୁନି । ପୂର୍ବତନ ବିଧାୟିକା ଲତିକା ପ୍ରଧାନ ଏବଂ ଆସିକା ଏମ୍‌ପି ପ୍ରାର୍ଥିନୀ ରଞ୍ଜିତା ସାହୁଙ୍କ ମଧ୍ୟରେ ଚାଲିଥିବା କ୍ଷମତା ଲଢେଇ ଏଠାରେ ଦଳକୁ କ୍ଷତି ପହଞ୍ଚାଉଛି। ପୂର୍ବରୁ ଲତିକା ଦଳୀୟ କାର୍ଯ୍ୟକ୍ରମ କରୁଥିବା ବେଳେ କିଛି ମାସ ହେବ ନିର୍ବାଚନ ମଣ୍ଡଳୀ ଦାୟିତ୍ୱ ରଞ୍ଜିତା ପାଇଛନ୍ତି। ସେ ଦାୟିତ୍ୱ ନେବା ସତ୍ତ୍ୱେ କୌଣସି କାର୍ଯ୍ୟ କରୁ ନ ଥିବା କର୍ମୀ ଓ ଅନ୍ୟମାନେ ଅଭିଯୋଗ କରିଛନ୍ତି।

# ମିଶନ ଶକ୍ତି କାଫେ ଉଦ୍‌ଘାଟନ କଲେ ଏମ୍‌ପି

ତୁମୁଡିବନ୍ଧ,୨୬।୧୨(ଦୀପକ କୁମାର ପରାସେଠ)

କନ୍ଧମାଳ ଏମ୍‌ପି ସୁକାନ୍ତ କୁମାର ପାଣିଗ୍ରାହୀ ଶୁକ୍ରବାର ତୁମୁଡିବନ୍ଧ ଗସ୍ତ କରି ବ୍ଲକ୍ ପରିସରରେ ଥିବା ମିଶନ ଶକ୍ତି କାଫେ, ବେଲଘର କେକେଡିଏରେ ନିର୍ମିତ ଇକୋ କଟେଜ୍ କମ୍ପ୍ଲେକ୍ସ ଓ ଗୋଷ୍ଠୀ ଗୃହକୁ ଉଦ୍‌ଘାଟନ କରିଛନ୍ତି। ଏଥିରେ ତୁମୁଡିବନ୍ଧ ବିଡିଓ ବନବିହାରୀ ହରପାଲ ସଭାପତିତ୍ୱ କରିଥିଲେ। ସମ୍ମାନିତ ଅତିଥି ଭାବେ ବାଲିଗୁଡା ଆଇଟିଡିଏ ପିଏ କୃପାସିନ୍ଧୁ ବେହେରା, ତୁମୁଡିବନ୍ଧ ଏମ୍‌ପି ପ୍ରତିନିଧି ପୂର୍ଣ୍ଣଚନ୍ଦ୍ର ପାଢ଼ୀ, ବ୍ଲକ୍ ଉପାଧ୍ୟକ୍ଷ ସନ୍ତୋଷ ସାହୁ, ଭାଜପା ପୂର୍ବତନ ଜିଲା ସଭାପତି ଜଗନାଥ ସାହୁ, ଜିଲା ପରିଷଦ ପୂର୍ବତନ ଉପାଧ୍ୟକ୍ଷ ନେତ୍ର ମାନସେଠ, ପଦ୍ମ ଚରଣ ଦାସ, ମଣ୍ଡଳ ସଭାପତି ସର୍ବେଶ୍ୱର ମାଝି, ଶ୍ରୀଚନ୍ଦ୍ର ପରାସେଠ ଉପସ୍ଥିତ ଥିଲେ। ଏହି କାର୍ଯ୍ୟକ୍ରମରେ ତୁମୁଡିବନ୍ଧ ସିଡିପିଓ ଲତା ଦିଗାଲ, ମିଶନ ଶକ୍ତି ଏକାଉଣ୍ଟାଣ୍ଟ ବାବୁଲି ନାୟକ, ଓଏଲଏମର ବିପିଏମ ଅକ୍ଷୟ ପ୍ରଧାନ, ବିଏଲସି ବାଦଲ ପ୍ରଧାନ, ବିପିସି ସରୋଜ ଦିଗାଲ ଓ ଅନ୍ୟମାନେ ଉପସ୍ଥିତ ଥିଲେ। ସେହିପରି ବେଲଘର କେକେଡିଏ ଦ୍ୱାରା ନିର୍ମିତ ଇକୋ କଟେଜ, ଗୋଷ୍ଠୀ ଗୃହକୁ ଏମ୍‌ପି ଉଦ୍‌ଘାଟନ କରିଥିଲେ। ପରେ କୁର୍ତ୍ତମଗଡ଼ରେ ଏକ ଦଳୀୟ ସଭା ହୋଇଥିଲା। ଏଥିରେ ମଣ୍ଡଳ ସଭାପତି ସର୍ବେଶ୍ୱର ମାଝି ସଭାପତିତ୍ୱ କରିଥିଲେ। ତୁମୁଡିବନ୍ଧ ବ୍ଲକର ୧୧ ଗୋଟି ପଞ୍ଚାୟତର କର୍ମୀମାନେ ଯୋଗ ଦେଇଥିଲେ।

## ଖଲ୍ଲିକୋଟ ପଞ୍ଚାୟତ ସମିତି ବୈଠକ

ଖଲ୍ଲିକୋଟ,୨୬।୧୨(ପ୍ରଶାନ୍ତ କୁମାର ମିଶ୍ର)

ଖଲ୍ଲିକୋଟ ପଞ୍ଚାୟତ ସମିତିର ୧୦ମ ଅଧିବେଶନ ଶୁକ୍ରବାର ଅନୁଷ୍ଠିତ ହୋଇଛି। ଏଥିରେ ଖଲ୍ଲିକୋଟ ବିଧାୟକ ପୂର୍ଣ୍ଣଚନ୍ଦ୍ର ସେଠୀ ମୁଖ୍ୟ ଅତିଥି, ତହସିଲଦାର ଡି. ମାଲେଶ୍ୱର ପାତ୍ର, ବିଡ଼ିଓ ଦେବାଶିଷ ସାମଲ, ଏମ୍‌ପି ପ୍ରତିନିଧି ଯଜ୍ଞ ନାରାୟଣ ଦାଶ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଉପସ୍ଥିତ ଥିଲେ। ସମସ୍ତ ପଞ୍ଚାୟତରୁ ସରପଞ୍ଚ, ସମିତିସଭ୍ୟ, ଲାଇନବିଭାଗ କର୍ମଚାରୀ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ଶିକ୍ଷା, ସ୍ୱାସ୍ଥ୍ୟ, କୃଷି, ଗମନାଗମନ, ପଶୁ ସମ୍ପଦ, ଜଳ ଯୋଗାଣ, ଆବାସ ଯୋଜନା ପ୍ରଭୃତି ବିଷୟରେ ବୈଠକରେ ଆଲୋଚନା ହୋଇଥିଲା। ବ୍ଲକ ଅଧ୍ୟକ୍ଷ କୁମାରୀ ଦାସ, ଏଇ ହରେକୃଷ୍ଣ ସାହୁ ଉପସ୍ଥିତ ରହି ସମସ୍ତ ଉନ୍ନୟନ ମୂଳକ କାର୍ଯ୍ୟ ସମ୍ପର୍କରେ ସୂଚନା ଦେଇଥିଲେ।

# ଛତ୍ରପୁର ପଞ୍ଚାୟତ ସମିତି ବୈଠକ

ଛତ୍ରପୁର, ୨୬।୧୨(ଦିଲୀପ ସାମଲ):

ଛତ୍ରପୁର ବ୍ଲକ ସମ୍ମିଳନୀ କକ୍ଷରେ ଶୁକ୍ରବାର ଏକାଦଶତମ ପଞ୍ଚାୟତ ସମିତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବ୍ଲକ ଅଧ୍ୟକ୍ଷା କିରନ କୁମାରୀ ଦାସ ସଭାପତିତ୍ୱ କରିଥିଲେ। ଜନସାଧାରଣଙ୍କ ସ୍ୱାର୍ଥକୁ ପ୍ରାଥମିକତା ଦେଇ ଦଳମତ ନିର୍ବିଶେଷରେ ସମସ୍ତେ ସାମୂହିକ ବିକାଶ ଦିଗରେ ଧ୍ୟାନ ଦେବା ଆବଶ୍ୟକ ବୋଲି ସେ କହିଥିଲେ। ବ୍ଲକ ସରପଞ୍ଚ ସଂଘର ସଭାପତି ତଥା ଟାଙ୍ଗଣାପଲ୍ଲୀ ସରପଞ୍ଚ ବି.ସୁଦାମ ବ୍ଲକ ଅଧୀନରେ ଗୋଟିଏ ଗୋଟିଏ ବିଦ୍ୟାଳୟରେ ବହୁ ଶିକ୍ଷକ ଦୀର୍ଘବର୍ଷ ଧରି ପିଲାଙ୍କୁ ପାଠ ପଢ଼ାଇବା ବଦଳରେ ରାଜନୀତି ସହ ଅନ୍ୟାନ୍ୟ କାର୍ଯ୍ୟରେ ଜଡିତ ରହୁଛନ୍ତି ବୋଲି ଅଭିଯୋଗ କରିଥିଲେ। ସେଭଳି ଶିକ୍ଷକମାନଙ୍କ ତାଲିକା ପ୍ରସ୍ତୁତ କରି ଅନ୍ୟତ୍ର ବଦଳି କରାଯାଉ ବୋଲି ସେ ଦାବି କରିଥିଲେ। ଗୋଟିଏ ବିଦ୍ୟାଳୟରେ ୬ ବର୍ଷରୁ ଅଧିକ ସମୟ ଧରି ଥିବା ଶିକ୍ଷକମାନଙ୍କୁ ତୁରନ୍ତ ବଦଳି କରିବା ପାଇଁ ଜିଲାପାଳଙ୍କ ନିକଟରେ ଦାବି ରଖାଯିବ। ଏଥିଲାଗି ବୈଠକରେ ପଞ୍ଚାୟତ ପ୍ରତିନିଧିମାନଙ୍କ ତରଫରୁ ଏକ ରେଜ୍ୟୁଲେଶନ ପାସ କରି ଜିଲାପାଳଙ୍କ ନିକଟକୁ ପଠାଯିବାକୁ ସ୍ଥିର ହୋଇଥିଲା। ସେହିପରି କେତେକ ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କୁ ଏ ଯାଏ ପୋଷାକ ମିଳିନଥିବା ଶ୍ରୀରାମଚନ୍ଦ୍ରପୁର ସମିତିସଭ୍ୟ ଏସ.ଚକ୍ରପାଣି ରେଡ୍ଡୀ ଅଭିଯୋଗ କରିଥିଲେ।

ଅନ୍ୟପକ୍ଷରେ ମୃତ୍ତିକା ସଂରକ୍ଷଣ ବିଭାଗ ଦ୍ୱାରା ବିଭିନ୍ନ କାର୍ଯ୍ୟ ଠିକ ଭାବେ ହୋଇନଥିବା ଅଭିଯୋଗ ଆସିଛି। ବିଭାଗ ପକ୍ଷରୁ କେଉଁ ପଂଚାୟତରେ କି ପ୍ରକାର ପ୍ରକଳ୍ପ ହୋଇଛି ଏହି ବାବଦରେ କେତେ ଟଙ୍କା ଖର୍ଚ୍ଚ ହୋଇଛି । ଏହାସହିତ ପ୍ରତି ପଂଚାୟତରେ କେତେକ ପୋଖରୀ ଏବଂ ଗଛ ଲଗାଯାଇଛି ତାହାରି ତାଲିକା ପ୍ରଦାନ କରିବା ପାଇଁ ବିଭାଗୀୟ ଅଧିକାରୀଙ୍କୁ ବ୍ଲକ ଅଧ୍ୟକ୍ଷା ନିର୍ଦ୍ଦେଶ ଦେଇଥିଲେ। ବୈଠକରେ ଅନ୍ୟାନ୍ୟ ବିଭାଗ ବିଷୟରେ ମଧ୍ୟ ଆଲୋଚନା ହୋଇଥିଲା । ଗ୍ରାମ୍ୟ ଉନ୍ନୟନ ବିଭାଗ ଓ ପୂର୍ତ୍ତ ବିଭାଗ ଅଧିକାରୀଙ୍କ ଅନୁପସ୍ଥିତ ନେଇ ପଞ୍ଚାୟତ ସମିତି ବୈଠକ ପକ୍ଷରୁ କାରଣ ଦର୍ଶାଅ ନୋଟିସ ଜାରି କରିବା ପାଇଁ ସ୍ଥିର ହୋଇଥିଲା। ବୈଠକରେ ମୁନିସିପେଣ୍ଟ ସ୍ୱାସ୍ଥ୍ୟକେନ୍ଦ୍ର ଅଧୀକ୍ଷକ ଡା. ସ୍ୱାଧୀନ ରଥ, ବିଡିଓ ସମ୍ବିତ ସଂଗ୍ରାମଜିତ ସାହୁ, ବ୍ଲକ ଉପାଧ୍ୟକ୍ଷା ଏସ.ଶାରଦା ରେଡ୍ଡୀ, ଏବିଡିଓ ଜୟଶ୍ରୀ ନାୟକ, ଏମ୍‌ପି ପ୍ରତିନିଧି ଆର୍.ସନ୍ତୋଷ ରେଡ୍ଡୀ, ଛତ୍ରପୁର ବିଧାୟକ ପ୍ରତିନିଧି ସରୋଜ କୁମାର ଦାସ ମଞ୍ଚାସୀନ ଥିଲେ । ବିଭିନ୍ନ ପପଞ୍ଚାତର ଜନ ପ୍ରତିନିଧି ଯୋଗଦେଇ ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ ।



